
ମାଟି ସାମଗ୍ରୀ ଦୋକାନ ଖାଁ ଖାଁ


ହର୍ ଏକ୍ ମାଲ୍ ଷ୍ଟଲରେ ଲୋକ ଭିଡ଼ ଜମାଇଛନ୍ତି

## ଅଲେଖ ବାବାଙ୍କ ଭଜନ କୀର୍ତ୍ତନ

ବିଶ୍ୱଶାନ୍ତିପାଇଁଜୋରନ୍ଦାରୁଅଲେଖଧର୍ମୀବାବାମାନେବରୁଣେଶ୍ୱରଙ୍କମନ୍ଦିରର ପରିସରରେ ଭଜନ କୀର୍ତ୍ତନ କରୁଥିବା ଦେଖିବାକୁ ମିଳିଛି । ବାବାମାନେ ନିଜ ସମ୍ପର୍କରେ କିଛି କହୁନ ଥିବା ବେଳେ କେବଳ ମହିମା ଧର୍ମର ପ୍ରସାର ଓ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ପ୍ରଭୁଙ୍କୁ ସୁମରି ଭଜନ କୀର୍ତ୍ତନ କରୁଥିବା ପ୍ରକାଶ କରିଛନ୍ତି ।



# ସରି ଆସୁଛି ମେଳା, ବଢୁଛି ଉତ୍ସାହ

ରାମକୃଷ୍ଣ ଦାସ

ବିଞ୍ଝାରପୁର,୧୮।୧(ଡି.ଏନ.ଏ)

ବରୁଣେଶ୍ୱର ମେଳା ଶୁକ୍ରବାର ପଞ୍ଚମ ଦିନରେ ଦିନରେ ପହଞ୍ଚିଛି। ହଜାର ହଜାର ଯାତ୍ରୀଙ୍କ ସମାଗମରେ ଦୁଲୁକୁଛି ମେଳା ପଡ଼ିଆ। ଶିଶୁଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧପର୍ଯ୍ୟନ୍ତ ସମସ୍ତେ ବରୁଣେଶ୍ୱର ମେଳାରେ ବୁଲି ମଜା ନେଉଥିବା ଦେଖିବାକୁ ମିଳିଛି। ମେଳାରେ ଆଶାନୁଯାୟୀ ଯାତ୍ରୀ ଭିଡ ଲାଗି ରହିଥିବାରୁ ବେପାର ଖୁବ ଭଲ ଜମୁଛି। ମେଳା ଆଉ ମାତ୍ର ୪ଦିନ ବାକିଥିବା ବେଳେ ଯାତ୍ରୀଙ୍କ ଉତ୍ସାହ କମିବା ପରିବର୍ତ୍ତେ ବଢିବାରେ ଲାଗିଛି। ତେବେ ଦିନମେଳା ଆଶାନୁରୂପକ ଯାତ୍ରୀ ଆସୁ ନ ଥିବା ବେଳେ ଅପରାହ୍ନରେ ନାହିଁ ନ ଥିବା ଭିଡ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଛି।

୫ମ ଦିନରେ ବରୁଣେଶ୍ୱର ମେଳା


ମେଳାରେ ଲୋକଙ୍କ ଭିଡ଼।

## ଏବେ ବି ପ୍ରଥମ ପସନ୍ଦ ବେଲୁନ୍

ସମୟ ସହ ତାଳ ଦେଇ ପସନ୍ଦ ବି ବଦଳୁଛି। ହେଲେ ଶିଶୁଙ୍କର ଏବେବି ବେଲୁନ ପ୍ରଥମ ପସନ୍ଦ ହୋଇ ରହିଛି। ୬୦ ଦଶକରୁ ବେଲୁନର ପ୍ରଚାର ପ୍ରସାର ହେବାରୁ ସେହି ସମୟରୁ ଶିଶୁଙ୍କ ପ୍ରଥମ ପସନ୍ଦ ରହିଛି। ବରୁଣେଶ୍ୱର ମେଳାରେ ହାତ ଗଣତି ୪ରୁ ୫ଜଣ ବେଲୁନ ବ୍ୟବସାୟୀ ଆସିଥିବା ବେଳେ ମେଳାକୁ ଆସୁଥିବା ଶିଶୁମାନେ ବେଲୁନକୁ ଦେଖି ହାତ ବଢାଇବା ଦୃଶ୍ୟ ସମସ୍ତଙ୍କୁ ପିଲା ଦିନର କଥା ମନେ ପକାଇବାକୁ ବାଧ୍ୟ କରିଛି।

## ପଥର ସାମଗ୍ରୀ ଉପରେ ମହିଳାଙ୍କ ନଜର

ପଲ୍ଲୀମେଳାରେ ବିଶେଷ କରି ମହିଳାଙ୍କ ସଂଖ୍ୟା ଅଧିକ। ମହିଳାମାନେ ଘର କରଣା ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଛି। ବିଶେଷ କରି ପଥର ସାମଗ୍ରୀ ଶିଳ, ଫେସା, ମୁଗୁନି ସାମଗ୍ରୀ ଉପରେ ମହିଳାଙ୍କ ନଜର। ସେହିପରି ହାତ ତିଆରି ଗୌଣି, ଶିରା, ଟୋକେଇ, ସେର ଆଦି ମହିଳାମାନେ କ୍ରୟ କରୁଥିବା ଦେଖିବାକୁ ମିଳିଛି । ତେବେ ଦୁଇ ଦଶନ୍ଧି ପୂର୍ବରୁ ମାଟି ନିର୍ମିତ ହାଣ୍ଡି ,ପଲମ ଓ କଳସ ଆଦି ବିକ୍ରି ହେଉଥିଲା ହେଲେ ଆଧୁନିକତାର ଛାପରେ ମାଟି ସାମଗ୍ରୀ ଏକ ପ୍ରକାର ଲୋପ ପାଇଯାଇଛି । ତେବେ ଚକଣା ଅଞ୍ଚଳର ଜଣେ ମହିଳା ମାଟି ନିର୍ମିତ ସାମଗ୍ରୀ ବିକ୍ରି କରୁଥିବା ବେଳେ ଆଉ ଏହାର ଚାହିଦା ନାହିଁ ବୋଲି ଜଣେ ମହିଳା କହିଥିଲେ।

## ବାସି ଖାଦ୍ୟ ନେଇ ଅସନ୍ତୋଷ

ମେଳାରେ ବାସି ଖାଦ୍ୟ ବିକ୍ରି ହେଉଥିବା ନେଇ ଅସନ୍ତୋଷ ଦେଖାଦେଇଛି। ହେଲେ ପ୍ରଶାସନ ଓ ଆୟୋଜକ ଏ ନେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ଯାତ୍ରୀ ମାନେ ବାଧ ହୋଇ ବାସି ଖାଦ୍ୟ ଖାଉଥିବା ଦେଖିବାକୁ ମିଳିଛି। ମେଳା ପଡ଼ିଆରେ ଶହ ଶହ ଫାଷ୍ଟଫୁଡ, ଚାଟ ଷ୍ଟଲ ଓ ହୋଟେଲ ଆଦି ଖୋଲିଛି । ଭୋର ସମୟରୁ ରାତି ୧୨ ଟା ପର୍ଯ୍ୟନ୍ତ ମେଳା ଚାଲୁଥିବା ବେଳେ ବ୍ୟବସାୟୀମାନେ ରାତିରୁ ସିଝା ହୋଇଥିବା ଜିନିଷ ଦିନବେଳେ ଗରାଖଙ୍କୁ ଖୁଆଉଛନ୍ତି। ଯାତ୍ରୀମାନେ ପ୍ରତିବାଦ କଲେ ଓଲଟା ବ୍ୟବସାୟୀମାନେ ନାଲିଆଖି ଦେଖାଉଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଲେ ଯାତ୍ରୀମାନେ ଉପକୃତ ହୋଇ ପାରନ୍ତେ ବୋଲି ବରୀରୁ ଆସିଥିବା ଜଣେ ଗ୍ରାହକ କହିଛନ୍ତି ।

## ହର୍ ଏକ୍ ମାଲ୍ ଷ୍ଟଲରେ ଜମୁଛି ଭିଡ଼

ମେଳା ପଡିଆରେ ସର୍ବାଧିକ ଭାବେ ହର୍ ଏକ୍ ମାଲ ଷ୍ଟଲ ରହିଥିବା ଦେଖିବାକୁ ମିଳିଛି। ମେଳାରେ ୫୦ରୁ ଊର୍ଦ୍ଧ୍ୱ ହର୍ ଏକ୍ ମାଲ ଷ୍ଟଲ ପଡିଥିବା ବେଳେ ଅଧିକାଂଶ ଯାତ୍ରୀ ଏହି ଷ୍ଟଲରେ ଭିଡ ଜମାଉଛନ୍ତି। ୫ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କିଆ ସାମଗ୍ରୀ ମିଳୁଛି । ଶିଶୁ ଖେଳନା ପାଖରୁ ଆରମ୍ଭ କରି ଘରକରଣା ସାମଗ୍ରୀ ଓ ମହିଳାଙ୍କ ପ୍ରସାଧନ ସାମଗ୍ରୀ ଏହି ଷ୍ଟଲରେ ବିକ୍ରି ହେଉଛି । ସର୍ବାଧିକ ଯାତ୍ରୀ ଏହି ଷ୍ଟଲରେ ଭିଡ ଜମାଇଥିବା ଦେଖିବାକୁ ମିଳିଛି।

## ରୁଦ୍ରାକ୍ଷ ଓ କସ୍ତୁରୀ ବାସ୍ନାରେ ମହକୁଛି ମେଳା ପଡ଼ିଆ

ସୁଦୁର ଅସାମରୁ ବହୁ ବ୍ୟବସାୟୀ ରୁଦ୍ରାକ୍ଷ ଓ କସ୍ତୁରୀ ନେଇ ଏହି ମେଳାକୁ ଆସିଛନ୍ତି। ହିନ୍ଦୁ ଧର୍ମରେ ରୁଦ୍ରାକ୍ଷ ଓ କସ୍ତୁରୀର ମହତ୍ୱ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ହାତ ପାହାନ୍ତାରେ ଏଭଳି ଜିନିଷ ପାଇ ମହିଳା ଓ ଗୃହିଣୀମାନେ ଆନନ୍ଦରେ କିଣି ନେଉଥିବା ଦେଖିବାକୁ ମିଳିଛି। ରୁଦ୍ରାକ୍ଷରେ ମାଳି, ଶିବଲିଙ୍ଗ, ଲକେଟ୍ ବିକ୍ରି ହେଉଥିବା ବେଳେ ଏଗୁଡିକର ମୂଲ୍ୟ ୧ଶହରୁ ୩ହଜାର ପର୍ଯ୍ୟନ୍ତ ରହିଛି। ସେହିପରି ଏହି ବ୍ୟବସାୟୀମାନେ କସ୍ତୁରୀ ମଧ ବିକ୍ରି କରୁଛନ୍ତି। କସ୍ତୁରୀ ମହକରେ ସମଗ୍ର ମେଳା ପଡିଆ ମହକୁଛି । କସ୍ତୁରୀ ମୂଲ୍ୟ ୫ଶହରୁ ହଜାରେ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି ଏହି ବ୍ୟବସାୟୀମାନେ। ତେବେ ଗ୍ରାମୀଣ ଅଞ୍ଚଳରେ ଏଭଳି ମେଳାକୁ ନେଇ ଆଶାମର ଏହି ବ୍ୟବସାୟୀମାନେ ବେଶ୍ ଖୁସି ପ୍ରକାଶ କରିଛନ୍ତି। ଏଠାକାର ପରମ୍ପରା ତାଙ୍କୁ ବେଶ ଆକର୍ଷିତ କରୁଛି ବୋଲି ସେମାନେ ପ୍ରକାଶ କରିଛନ୍ତି।





## ଅପେରା ପ୍ରଚାରରେ କମ୍ପୁଛି ବିଞ୍ଝାରପୁର

ବରୁଣେଶ୍ୱର ମେଳା ପଡିଆରେ ୪ଟି ଅପେରା ଦଳ ପଡିଥିବା ବେଳେ ଯାତ୍ରା ପ୍ରେମୀ ଖୁବ୍ ଉତ୍ସାହିତ ଅଛନ୍ତି। ବର୍ଷକୁ ଥରଟିଏ ପାଇଁ ଏହି ଅଞ୍ଚଳରେ ଏକାଥରକେ ୫ଟି ଅପେରା ଦଳ ପଡ଼ିଥିବା ବେଳେ ପୁଣି ମନପସନ୍ଦର କଳାକାରଙ୍କୁ ହାତ ପାହାନ୍ତାରେ ଦେଖିବାର ସୁଯୋଗ ପାଇଛନ୍ତି ଯାତ୍ରାପ୍ରେମୀ। ସେଥିପାଇଁ ସେମାନେ ଶୀତକୁ ମଧ୍ୟ ଖାତିର ନ କରି ମେଳା ପଡିଆକୁ ଛୁଟି ଆସୁଛନ୍ତି। ବିଶେଷ କରି ପ୍ରତି ଅପେରା ଦଳର ୪ରୁ ୫ଟି ଲେଖାଏଁ ଥିବା ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ବିଞ୍ଝାରପୁର,ଦଶରଥପୁର ଓ ଯାଜପୁର ଅଞ୍ଚଳକୁ ଦୁଲୁକାଉଛି। ଯାତ୍ରା ଦେଖିବାକୁ ଭଦ୍ରକ, କେନ୍ଦ୍ରାପଡା ଆଦି ଜିଲାରୁ ବହୁ ସଂଖ୍ୟାରେ ଅପେରା ପ୍ରେମୀ ଆସୁଥିବା ଦେଖିବାକୁ ମିଳିଛି।


ଶ୍ରୀରାମ ଯୁବ ସଂଗଠନ ପକ୍ଷରୁ ମନ୍ଦିର ପରିସର ଓ ମେଳା ପଡ଼ିଆ ସଫେଇ କରାଯାଉଛି।



ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ କଲ୍ୟାଣପୁର ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ସୁନୀତା ନାୟକ
ସରପଞ୍ଚ, କଲ୍ୟାଣପୁର ଗ୍ରାମ ପଞ୍ଚାୟତ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ଆଶାଲତା ସାହୁ
ସରପଞ୍ଚ, ବିଞ୍ଝାରପୁର ଗ୍ରାମ ପଞ୍ଚାୟତ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ଫତେପୁର ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ମମତା ପଲେଇ
ସରପଞ୍ଚ, ଫତେପୁର ଗ୍ରାମ ପଞ୍ଚାୟତ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବାଙ୍ଗରା ଗ୍ରା.ପ. ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ଆଶାଲତା ନାୟକ
ସରପଞ୍ଚ, ବାଙ୍ଗରା ଗ୍ରାମ ପଞ୍ଚାୟତ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବରପଦା ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ମନ୍ଦାକିନୀ ଧଳ
ସରପଞ୍ଚ, ବରପଦା ଗ୍ରାମ ପଞ୍ଚାୟତ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ଶାସନ୍ଦା ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ରଶ୍ମିରେଖା ନାୟକ
ସରପଞ୍ଚ, ଶାସନ୍ଦା ଗ୍ରାମ ପଞ୍ଚାୟତ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ଟିଣା ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ରଞ୍ଜିତା ଦାସ
ସରପଞ୍ଚ, ଟିଣା ଗ୍ରାମ ପଞ୍ଚାୟତ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ଚନ୍ଦ୍ରମୁଁ ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ରଶ୍ମିରାଣୀ ଦାସ
ସରପଞ୍ଚ, ଚନ୍ଦ୍ରମୁଁ ଗ୍ରାମ ପଞ୍ଚାୟତ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ଉତ୍ତଙ୍ଗରା ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ମିନତୀ ସାହୁ
ସରପଞ୍ଚ, ଉତ୍ତଙ୍ଗରା ଗ୍ରାମ ପଞ୍ଚାୟତ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ଅଳକୁଣ୍ଡ ଗ୍ରା.ପ. ସମେତ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ଗୀତାଞ୍ଜଳି ଜେନା
ସରପଞ୍ଚ, ଅଳକୁଣ୍ଡ ଗ୍ରାମ ପଞ୍ଚାୟତ, ବିଞ୍ଝାରପୁର

**ସଂକ୍ଷେପରେ**

## ଜିଲ୍ଲା କଂଗ୍ରେସ ପଛୁଆବର୍ଗ ବିଭାଗ କମିଟିର ପୁନର୍ଗଠନ

**କେନ୍ଦ୍ରାପଡ଼ା ଅଫିସ, ୧୮।୧:** ଶୁକ୍ରବାର କେନ୍ଦ୍ରାପଡା ଜିଲା କଂଗ୍ରେସ ପଛୁଆବର୍ଗ ବିଭାଗର କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହୀ କମିଟିର ପୁନର୍ଗଠନ ହୋଇଛି। ଜିଲା ସଭାପତି ବିଧୁଭୂଷଣ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ୯ ବ୍ଲକ ଓ ୨ ପୌରାଞ୍ଚଳରେ ଏହି କର୍ମକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲା କମିଟିରେ ଜିଲା କଂଗ୍ରେସ ସଭାପତି, କାର୍ଯ୍ୟକାରୀ ସଭାପତି, ପୂର୍ବତନ ମନ୍ତ୍ରୀ, ପୂର୍ବତନ ଏମ୍‌ପି ଓ ବିଧାୟକ ପ୍ରମୁଖ ରହିଛନ୍ତି। ସେହିପରି କମିଟିରେ ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଅଧକ୍ଷଙ୍କ ସହ ସମସ୍ତ ସାମୁଖ୍ୟ ମୁଖ୍ୟଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ରୂପେ ଗ୍ରହଣ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉକ୍ତ କମିଟିକୁ ଅନୁଧାନ କରିବା ସହ ଆଗାମୀ ଦିନରେ କଂଗ୍ରେସର ଶକ୍ତି ବହୁଗୁଣିତ ହେବ ବୋଲି ଆଶା ପ୍ରକଟ କରିଛନ୍ତି। ଏହି କମିଟିର ପୁର୍ନଗଠନ ହେବାପରେ ରାଜ୍ୟ ଉପାଧକ୍ଷ ଫକୀର ଚରଣ ଖଟୁଆ ସନ୍ତୋଷବ୍ୟକ୍ତ କରିଛନ୍ତି।

## ଘୋଡ଼ାନାଚ ମାଧ୍ୟମରେ ସଚେତନତା ବାର୍ତ୍ତା

**ପାଟକୁରା, ୧୮।୧ (ଡି.ଏନ୍‌.ଏ.):** ଗରଦପୁର ବ୍ଲକ ଅଧୀନ ବେଡାରି ପଞ୍ଚାୟତ ବେଡାରୀ ମେଲଣ ପଡିଆଠାରେ ଶୁକ୍ରବାର ଘୋଡାନାଚ ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଏହି ଉପଲକ୍ଷେ ବେଡାରୀପଞ୍ଚାୟତର ସରପଞ୍ଚ ଗୋକୁଳାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୁବ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ରାଜେଶ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ରାଶନକାର୍ଡ ହିତାଧିକାରୀଙ୍କୁ ଏଲ୍‌ଇଡି ବଲ୍‌ବ ପ୍ରଦାନ, କଳାକାର ଭତ୍ତା, ମଧୁବାବୁ ପେନ୍‌ସନ ଯୋଜନା, ବାଳିକା ସମୃଦ୍ଧି ଯୋଜନା, ବିଜୁ ପକ୍କା ଘର ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି, ହରିଶ୍ଚନ୍ଦ୍ର ଯୋଜନାରେ ତୁରନ୍ତ ସହାୟତା ପ୍ରଦାନ, ମତ୍ସ୍ୟଜୀବୀମାନଙ୍କୁ ଆବାସ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା ପ୍ରଭୃତି ୬୫ଟି ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା। କେନ୍ଦ୍ରାପଡା ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟୀ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍ଶାଘାଇ କୃଷି ଜିଲା ଅଧିକାରୀ ଶରତ ଚନ୍ଦ୍ର ଦାସ, ପାଟକୁରା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ତାପସ ପ୍ରସାଦ ସିଂ, ଗରଦପୁର ବ୍ଲକ ମହିଳା ଓ ଶିଶୁ କଲ୍ୟାଣ ଅଧିକାରିଣୀ ମୁବାଲା ବେହେରା, ମମତା ଯୋଜନା ଜିଲା ପ୍ରକଳ୍ପ ସଂଯୋଜକ ମନୋରଞ୍ଜନ ଦାସ, ଜିଲା ପରିଷଦ ସଦସ୍ୟା ଅହଲା ଲେଙ୍କା, ଉପସ୍ଥିତ ରହି 'ସୁ-ନେତ୍ର' ଯୋଜନାରେ ମାଗଣାରେ ଚକ୍ଷୁ ପରୀକ୍ଷା ଓ ମାଗଣାରେ ଚଷମା ଯୋଗାଣ କରାଯିବା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ। ଗରଦପୁର ବ୍ଲକର ସାମାଜିକ କଲ୍ୟାଣ ଅଧିକାରୀ ଖଗେଶ୍ୱର ସେଠୀ ସଭା ପରିଚାଳନା କରିଥିଲେ। ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ବେଳେ ବେଡାରୀ ସମିତି ସଭ୍ୟା ଭଗବତୀ ସେଠୀ ଧନ୍ୟବାଦ ଦେଇଥିଲେ। ବ୍ୟଙ୍ଗ କବି ଗଜେନ୍ଦ୍ର ଦାସ ବିଭିନ୍ନ ଢଗମାଳିରେ ଲୋକମାନଙ୍କୁ ହସାଇଥିଲେ। ସଭାରେ ସାମାଜିକ କର୍ମୀ ଦିଲୀପ କୁମାର ସେଠୀ, ସନ୍ତୋଷ କୁମାର ମାହାଳି, ବିସ୍ମୟ ଖୁଣ୍ଟିଆ, ରବୀନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

■ ଲୁଣା ନଦୀରେ ଜଳସ୍ତର କମୁଛି

# ପଡ଼ିଆ ପଡ଼ିବ ଜମି, ମିଳିବନି ପାଣି

**କେନ୍ଦ୍ରାପଡା ଅଫିସ, ୧୮।୧**

■ ନଦୀର ଗତିପଥ ପରିବର୍ତ୍ତନ ଯୋଗୁ ହ୍ରାସ ପାଇଛି ଜଳସ୍ତର
■ ସହରରେ ପାନୀୟ ଜଳ ଯୋଗାଣ ନାଳୀର ଗଭୀରତା କମ୍ ରହିଛି

ଗତ ଡିସେମ୍ବରରୁ ଲୁଣା ନଦୀ ଜଳସ୍ତର କମିବାରେ ଲାଗିଛି। ଫଳରେ ଆଗାମୀ ଦିନରେ କେନ୍ଦ୍ରାପଡା ସହରର ଚାଷ ଜମି ପଦାପଡିବା ସହ ପାନୀୟ ଜଳ ଯୋଗାଣରେ ଅଭାବ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସହରରେ ପାନୀୟ ଜଳ ଯୋଗାଣ ପାଇଁ ପିଏଚ୍‌ଡି ଓ ଜଳ ସମ୍ପଦ ବିଭାଗ ପକ୍ଷରୁ ଗତ ନଭେମ୍ବର ୨୮ ରେ ଲୁଣା ନଦୀ ଗର୍ଭରୁ ଏକ ନାଳି କରି କଳପଡା ମୋଟର ପମ୍ପ ହାଉସ ପର୍ଯ୍ୟନ୍ତ ପାଣି ଆଣିଛନ୍ତି। ତେବେ ଏହି ନାଳି ଗଭୀରତା କମ୍ ରହିଥିବାରୁ ଜାନୁୟାରୀ ଶେଷ ସୁଦ୍ଧା ଏହାର ପୁନଖନନ ହେବାର ଆବଶ୍ୟକତା ପଡିପାରେ ବୋଲି ଚର୍ଚ୍ଚା ହେଉଛି।

ଜିଲା ଜଳ ସମ୍ପଦ ବିଭାଗ ତଥ୍ୟ ଅନୁଯାୟୀ, ପଡାଗୟାସପୁର, ଗୟାସପୁର, ଥାଉରୀ, ଚଢ଼େଇଗୁଆଁ, ରାଜଗଡ ଅଙ୍ଗୁଳାଇ ଆଦି ସ୍ଥାନରେ ଲୁଣାନଦୀର ଚେକ୍‌ଡ୍ୟାମ ନିର୍ମାଣ ହୋଇଛି। ପାନୀୟ ଜଳ ଯୋଗାଣ ସହ ଚାଷ କାର୍ଯ୍ୟ ପାଇଁ ଜଳସେଚନ ବ୍ୟବସ୍ଥା କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ତେବେ ଖରା ଆରମ୍ଭରୁ ଲୁଣା ନଦୀ ଶୁଖିଯାଉଛି। ଏନେଇ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେବେ ନଦୀଗୁଡିକୁ ସଂଯୋଗୀକରଣ କରାଯାଇପାରିଲେ ମାର୍ଶାଘାଇ ଓ ମହାକାଳପଡା ବ୍ଲକ ଅଞ୍ଚଳର ପ୍ରାୟ ୧୦ ହଜାର ହେକ୍ଟର ଚାଷ ଜମିକୁ ଜଳ ମିଳିପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ୨୬ ନଂ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଲୁଣାନଦୀ କେନ୍ଦ୍ରାପଡା ଜିଲା ମଧ୍ୟଦେଇ ପ୍ରବାହିତ ହେଉଛି। ନଦୀର ଲମ୍ବ ୭୩ କିଲୋମିଟର ହୋଇଥିବା ବେଳେ ବ୍ରିଟିଶ ଶାସନ ସମୟରେ ଏହି ବାଟଦେଇ ନୌବାଣିଜ୍ୟ ହେଉଥିଲା। ତେବେ ଏହାର ରକ୍ଷଣାବେକ୍ଷଣ ଅଭାବ, ବେଆଇନ ବାଲି ଓ ମାଟି ଉତ୍ତୋଳନ, ଜବରଦଖଲ ଆଦି ଯୋଗୁ ଏବେ ନଦୀର ଗତିପଥ ପରିବର୍ତ୍ତନ ହୋଇଯାଇଛି। ଫଳରେ ନଦୀର ଜଳଧାରା କମିଯାଇଛି। ସାମଲଙ୍କ କହିବାନୁସାରେ, ଜିଲାବାସୀ ମୁଖ୍ୟତଃ ଚାଷ ଉପରେ ନିର୍ଭରଶୀଳ। ତେବେ ଜିଲାର ୧୫,୮୫୦ ହେକ୍ଟର ଚାଷ ଜମିରେ ଏବେବି ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ସେହିପରି ଜିଲାର ୩୨,୩୫୦ ହେକ୍ଟର ଚାଷ ଜମି ଲୁଣାଞ୍ଚଳ ହୋଇଥିବା ବେଳେ ୩୪,୯୫୨ ହେକ୍ଟରରେ ବନ୍ୟାଜଳ ମାଡିଯାଉଛି। ଏଥିସହ ଜିଲାର ୮୪,୯୧୦ ହେକ୍ଟର ଜମି ମରୁଡି ଅଞ୍ଚଳ ଭାବେ ଘୋଷିତ ହୋଇଛି। ଏନେଇ ଜଳର ସୁପରିଚାଳନା ନିମନ୍ତେ ଜିଲା ପରିଷଦ ବୈଠକରେ ବାରମ୍ବାର ଦାବି ହୋଇଛି। ମାତ୍ର ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ସେହିପରି ଡେରାବିଶର ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନଙ୍କ କହିବାନୁସାରେ, ଲୁଣାନଦୀର ଜଳସେଚନ ଦ୍ୱାରା ଜିଲାରେ ଧାନ ସହ ରବି ଫସଲ, ନଳିତା, ବାଦାମ ଓ ଅନ୍ୟାନ୍ୟ ପନିପରିବା ଚାଷ ହୋଇପାରୁଥିଲା। ତେବେ ଗତ କିଛିବର୍ଷ ଧରି ଏହି ନଦୀରେ ଜଳସ୍ତର କମିଯାଇଛି। ମହାନଦୀର ଉପର ମୁଣ୍ଡରେ ଛତିଶଗଡ ସରକାରଙ୍କ ବନ୍ଧ ନିର୍ମାଣ ଫଳରେ ଏହିଭଳି ସ୍ଥିତି ଉପୁଜିଛି ବୋଲି ସେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଜିଲାରେ ବିଭିନ୍ନ ନଦୀ ପ୍ରବାହିତ ହେଉଛି। ଏହି ନଦୀକୁ ସଂଯୋଗିକରଣ କରାଯାଇ ବିଭିନ୍ନ ସ୍ଥାନରେ ବ୍ୟାରେଜ ନିର୍ମାଣ କରାଗଲେ ଜିଲାର ଚାଷ ଜମିଗୁଡିକୁ ଜଳସେଚନ ପାଇଁ ବ୍ୟବସ୍ଥା ହୋଇପାରନ୍ତା। ତେବେ ଏନେଇ ପ୍ରଶାସନ ଅବା ରାଜନେତାମାନେ କୌଣସି ପଦକ୍ଷେପ ନେଉ ନଥିବାରୁ ଆଗାମୀ ଦିନରେ ଚାଷ କାର୍ଯ୍ୟ ସହ ଜିଲାରେ ପାନୀୟ ଜଳ ଯୋଗାଣ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏସମ୍ପର୍କରେ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ରାଉତ କୁହନ୍ତି, ଏହି ନଦୀର ଉନ୍ନତିକରଣ ପାଇଁ ବିଭିନ୍ନ ଯୋଜନା ଚାଲୁରହିଛି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆର୍ଥିକ ଅନୁଦାନ ଆସିଛି। ଖୁବ୍‌ଶୀଘ୍ର ଏହାର ସୁଫଳ ଜିଲାବାସୀଙ୍କୁ ମିଳିବ।

## ରୋଗଶଯ୍ୟାରେ ବିଶିଷ୍ଟ ତବଲା ପ୍ରଶିକ୍ଷକ



ସ୍ତ୍ରୀ ବାସନ୍ତୀଙ୍କ ସହ ତବଲା ପ୍ରଶିକ୍ଷକ ଶଶୀକାନ୍ତ

**ଆଳି, ୧୮।୧ (ଡି.ଏନ୍‌.ଏ.)**

ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ଲୋକମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ବେଳେ କେତେକ ଯୋଜନାରେ ରାଶନ ସାମଗ୍ରୀ ମଧ୍ୟ ସରକାର ଯୋଗାଉଛନ୍ତି। ସେହିଭଳି ରାଜ୍ୟର ସ୍ୱିକୃତୀ ପ୍ରାପ୍ତ କଳାକାରଙ୍କୁ ଚୟନ କରି ଭତ୍ତା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର କଳାକାର ଭତ୍ତା ଯୋଜନା ପ୍ରଣୟନ କରିଛନ୍ତି। ଚୟନ କରାଯାଇଥିବା କଳାକାରମାନଙ୍କୁ ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଆୟୋଜନ କରାଯାଉଥିବା 'ପିଠା' କାର୍ଯ୍ୟକ୍ରମରେ ଭତ୍ତା ପ୍ରଦାନ କରାଯାଉଛି। କିନ୍ତୁ ଏଥିରୁ ବାଦ୍ ପଡ଼ିଛନ୍ତି ଆଳି ବ୍ଲକ ମହୁ ପଞ୍ଚାୟତ ଅଞ୍ଚଳର ବିଶିଷ୍ଟ ତବଲା ବାଦକ ଶଶୀକାନ୍ତ ଜେନା।

ସେ ଜଣେ ସରକାରୀ ସ୍ୱୀକୃତିପ୍ରାପ୍ତ ତବଲା ପ୍ରଶିକ୍ଷକ। ବୟସ ୮୦ ପୂରିଲାଣି। ପିଲାବେଳୁ ଏ ଦିଗରେ ଦୁର୍ବଳତା ଥିବାରୁ ମାତ୍ର ୧୨ ବର୍ଷ ବୟସରୁ ଢୋଲ, ତବଲା, ବଂଶୀ ଓ ଡ୍ରମ ଆଦି ବାଦ୍ୟଯନ୍ତ୍ର ବଜାଇ ଲୋକଙ୍କ ମନ ଜିଣିପାରିଥିଲେ। ଏହାପରେ କେନ୍ଦ୍ରାପଡା ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନରେ ପିଲାମାନଙ୍କୁ ସେ ତବଲା ପ୍ରଶିକ୍ଷଣ ଦେଇଥିଲେ। ଶଶୀକାନ୍ତଙ୍କ ପାଇଁ ନିଶା ଓ ପେସା ପାଲଟିଯାଇଥିଲା ତାବଲା ବାଦନ। ଏଥିରୁ ଯାହା ରୋଜଗାର ହେଉଥିବା ହସଖୁସିରେ ପରିବାର ଚଳିଯାଉଥିଲା। ୨୦୦୯ରେ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ଶଶୀକାନ୍ତଙ୍କୁ ଭୁବନେଶ୍ୱରର ଜୟଦେବ ଭବନଠାରେ ତବଲା ବାଦନ ପାଇଁ 'ରାଜ୍ୟ ସମ୍ବର୍ଦ୍ଧନା' ପ୍ରଦାନ କରାଯାଇଥିଲା। ଗୋଟିଏ ବୋଲି ପୁଅ ମଙ୍ଗୁଳି ଓ ୨ ଝିଅଙ୍କ ବାହାଘର ପରେ ସ୍ତ୍ରୀ ବାସନ୍ତୀ, ବୋହୂ ଓ ନାତୁଣୀଙ୍କ ସହ ଦିନ କଟୁଥିଲା। ମଙ୍ଗୁଳି କଲିକତାର ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ମାତ୍ର ୩୨ ବର୍ଷ ବୟସରେ ଟିବିରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଅର ମୃତ୍ୟୁରେ ଭାଙ୍ଗିପଡ଼ିଲା ପୂରା ପରିବାର। ଶଶୀକାନ୍ତଙ୍କ ହାତରେ ଦିନେ ତବଲାର ମୂର୍ଚ୍ଛନା, ଢୋଲର ଢାଉଁଢାଉଁ ଶବ୍ଦ ଓ ବଂଶୀ ସ୍ୱରର ଯାଦୁ ଲୋକଙ୍କୁ ମତୁଆଲା କରୁଥିବା ବେଳେ ଆଜି ତାହା ନୀରବି ଯାଇଛି। ସେ ଦୀର୍ଘଦିନ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ଥିବାରୁ ତବଲା ବଜାଇବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ସ୍ୱାମୀସ୍ତ୍ରୀଙ୍କ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ମିଳୁଥିବା ଟଙ୍କାରେ ପରିବାର ଚଳୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଇତିମଧ୍ୟରେ କଳାକାର ଚୟନ କରାଯାଇ ଭତ୍ତା ପ୍ରଦାନ କରାଯାଉଥିବା ବେଳେ ଶଶୀକାନ୍ତଙ୍କୁ ସେଥିରେ ସାମିଲ କରାଯାଇନାହିଁ। ଅର୍ଥାଭାବ ଯୋଗୁ ସେ ନିଜର ଚିକିତ୍ସା ମଧ୍ୟ କରାଇ ପାରୁନାହାନ୍ତି। ରାଜ୍ୟ ସରକାରଙ୍କ କଳାକାର ଭତ୍ତା ଯୋଜନା ସମ୍ପର୍କରେ ଶଶୀକାନ୍ତ କୁହନ୍ତି, ସେ ବିଷୟରେ କିଛି ଜାଣିନି। ଯାହା ଭଗବାନଙ୍କ ଇଚ୍ଛା ଥିବ ଘଟିବ। ଏ ସମ୍ପର୍କରେ ଆଳି ବିଡିଓ ଜୟନ୍ତ କୁମାର ପୃଷ୍ଟିଙ୍କୁ ପଚାରିବାରେ ଆଳି ବ୍ଲକ ଅଞ୍ଚଳର ବହୁ କଳାକାର ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଖୁବ କମ୍ ଲୋକଙ୍କୁ ଏଥିରେ ସାମିଲ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ସେ ଆବେଦନ କଲେ ତାଙ୍କୁ ନିଶ୍ଚୟ ଏହି ଯୋଜନାରେ ସାମିଲ କରାଯିବ ବୋଲି ବିଡିଓ ପୃଷ୍ଟି କହିଛନ୍ତି।

## ସୂଚନା ଅଧିକାର ଆଇନ ସମ୍ପର୍କିତ ସଚେତନତା ଶିବିର

**ମହାକାଳପଡା, ୧୮।୧(ଡି.ଏନ୍‌.ଏ.)**

ମହାକାଳପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୂଚନା ଅଧିକାର ଆଇନ ସମ୍ପର୍କିତ ଏକ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସୂଚନା ଅଧିକାର ଅଭିଯାନର ମହାକାଳପଡା ୟୁନିଟ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୂଚନା ଅଧିକାର ଆଇନ୍‌ର(ଆରଟିଆଇ) ପ୍ରଚାର, ପ୍ରସାର, ବ୍ୟବହାର ଓ ସଫଳ ପ୍ରୟୋଗ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ଲୋକଙ୍କୁ ମାଗଣାରେ ଆରଟିଆଇ ଫର୍ମ ଓ କ୍ଷୁଦ୍ର ପୁସ୍ତିକା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଆବାହକ ରଞ୍ଜନ ଦାସ, ପ୍ରମୋଦ କୁମାର ସ୍ୱାଇଁଙ୍କ ସମେତ ପ୍ରକାଶ ଜେନା, ସଂଯୁକ୍ତା ରାଉତ, ବିଶ୍ୱପ୍ରକାଶ ଓଝା, ରଶ୍ମିରେଖା ପରିଡା ଓ ପ୍ରଣତି ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଶିବିରରେ ଯୋଗଦେଇଥିବା ସୂଚନା ଅଧିକାର କର୍ମୀମାନେ।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**କେନ୍ଦ୍ରାପଡ଼ା ଅଫିସ, ୧୮।୧**

କେନ୍ଦ୍ରାପଡା ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୨ ଦିନ ଧରି ଚାଲିଥିବା ଏହି କ୍ରୀଡା ପ୍ରତିଯୋଗିତାରେ ଯୁକ୍ତ ୨ କ୍ରୀଡାବିତ୍ ଛାତ୍ରୀ ସୌଦାମିନି ବେହେରା ଓ ଯୁକ୍ତ ୩ର ଛାତ୍ରୀ ପୁଷ୍ପଲତା ବେହେରା ଚାମ୍ପିୟନ ହୋଇଛନ୍ତି। ମହାବିଦ୍ୟାଳୟ ପରିସରରେ ଏହି କ୍ରୀଡା ଉତ୍ସବର ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଅଧକ୍ଷା ଡ. ହୀରାମଣୀ ବେହୁରା ଏଥିରେ ଅଧକ୍ଷତା କରିଥିଲେ। ଜିଲାପାଳ ଦାଶରଥି ଶତପଥୀ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ଗୋଲକ ଚନ୍ଦ୍ର ମହାଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ଲୁକ୍କାୟିତ ପ୍ରତିଭାଙ୍କୁ ଆଗକୁ ଆଣିବା ପାଇଁ ସହଯୋଗ ଲୋଡ଼ା

**ମହାକାଳପଡା, ୧୮।୧(ଡି.ଏନ୍‌.ଏ.)**

ମହାକାଳପଡା ବ୍ଲକ ପେଟ୍‌ଛେଲା ପଞ୍ଚାୟତ ଅନ୍ତର୍ଗତ କୋଚଳା ଗ୍ରାମସ୍ଥିତ ବଜ୍ରମହାକାଳୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ବିଭୁତିଭୂଷଣ ସେନାପତି, ସମ୍ମାନିତଅତିଥି ନିରାକାର ସ୍ୱାଇଁ, ପରିବେଶବିତ୍, ସମରେନ୍ଦ୍ର ମାହାଳି ଯୋଗଦେଇଥିଲେ। କ୍ରୀଡା ଦ୍ୱାରା ଶରୀର ସୁସ୍ଥ ରହିବା ସହ ବିକାଶରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭା ଥିବା କ୍ରୀଡାବିତ୍‌ମାନେ ସରକାରୀ ପ୍ରୋତ୍ସାହନ ଅଭାବରୁ ଜିଲା, ରାଜ୍ୟ ଅବା ଜାତୀୟସ୍ତରରେ ପହଞ୍ଚିପାରୁ ନାହାନ୍ତି। ସେମାନଙ୍କୁ ଆଗକୁ ଆଣିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ରଦେଇ ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ସ୍ୱାଇଁ ଏଥିରେ ଅଧକ୍ଷତା କରିଥିବା ବେଳେ କ୍ରୀଡା ଶିକ୍ଷକ ସଞ୍ଜୟ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ଆସନ୍ତା ନିର୍ବାଚନ ପାଇଁ ତାଲିମ ବୈଠକ

**କେନ୍ଦ୍ରାପଡ଼ା ଅଫିସ, ୧୮।୧**

ଆସନ୍ତା ସାଧାରଣ ନିର୍ବାଚନକୁ ଅବାଧ, ମୁକ୍ତ କରିବା ସହ ନିରପେକ୍ଷ ଭାବେ କାର୍ଯ୍ୟ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଜିଲାସ୍ତରୀୟ ନିର୍ବାଚନ ସମ୍ବନ୍ଧୀୟ ପ୍ରଥମ ତାଲିମ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଏହି ବୈଠକରେ ଜିଲାପାଳ ଦାଶରଥି ଶତପଥୀ ଅଧକ୍ଷତା କରିଥିଲେ। ଏ ସମ୍ପର୍କରେ ଜିଲାପାଳ ଶତପଥୀ ସୂଚନା ଦେଇଛନ୍ତି ଯେ, ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ମାଷ୍ଟର ଟ୍ରେନରଙ୍କ ତାଲିମ ଦେବା ବ୍ୟବସ୍ଥା ହୋଇଛି। ଏଥିରେ ନିର୍ବାଚନୀ ଖର୍ଚ୍ଚ, ଅଭିଯୋଗ, ଗଣମାଧ୍ୟମରେ ପ୍ରାର୍ଥୀଙ୍କ ପ୍ରଚାର, ସରଳୀକରଣ ଭୋଟଦାନ, ପ୍ରାର୍ଥୀଙ୍କ ଗତିବିଧି ଯାଞ୍ଚ ଆଦିକୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ବିଭିନ୍ନ ଟିମ୍ ଗଠନ କରାଯାଇଛି। ଏହି ବୈଠକରେ ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ର, ସହକାରୀ ଜିଲାପାଳ ସମ୍ବିତ ଶତପଥୀ, ବିକ୍ରମ ପରିଡା, ମାଷ୍ଟର ଟ୍ରେନର ପୁରୁଷୋତ୍ତମ ସାହୁ, ସଚ୍ଚିଦାନନ୍ଦ ବେହେରା ଓ ସମରେନ୍ଦ୍ର ସାମଲ ପ୍ରମୁଖ ସାମିଲ ହୋଇଥିଲେ।

## ଭେଡ଼ା ଯୋର ଖୋଲିବାକୁ ଦାବି

**ରାଜକାନିକା, ୧୮।୧(ଡି.ଏନ୍‌.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ ପାରିନୂଆପଡାରୁ ଦେଉଳସାହିକୁ ଯାଇଥିବା ପ୍ରାକୃତିକ ଭେଡା ଯୋର ଦୀର୍ଘଦିନ ହେବ ଖୋଲା ଯାଉ ନ ଥିବାରୁ କାଳକ୍ରମେ ପୋତି ହୋଇଯିବାକୁ ବସିଲାଣି। ଫଳରେ ଏହା ଉପରେ ନିର୍ଭର କରି ବଞ୍ଚୁଥିବା ଚାଷୀ ଡାଲୁଅ ଚାଷ କରିବାରୁ ବଞ୍ଚିତ ହେଉଛନ୍ତି। ଏହି ଯୋର ଖରସ୍ରୋତା ମୁହାଣରୁ ଖରିଅଣ୍ଡା ଓ ମିର୍ଜାପୁର ସ୍ଲୁଇସ ବାଟେ ପାରିନୂଆପଡା ଦେଇ ବୈତରଣୀରେ ନଦୀରେ ମିଶିଛି। ତେବେ ନଦୀ ମୁହାଣ ପୋତି ହୋଇ ପଡିବାରୁ ଖରସ୍ରୋତା ନଦୀରୁ ପାଣି ଆସି ପାରୁନାହିଁ। ଏଥିଯୋଗୁ ଯୋରକୁ ସଂଯୋଗ କରୁଥିବା ନାଳଗୁଡିକ ଏବେ ଶୁଖିଯାଇଛି। ଅତୀତରେ ଖରସ୍ରୋତାରୁ ମିଠା ପାଣି ଆସୁଥିବାରୁ ଅଞ୍ଚଳର ଚାଷୀମାନେ ଡାଲୁଅ ଚାଷ କରି ଧାନ ଅମଳ କରୁଥିଲେ। ମାତ୍ର ଏହା ପୋତିହୋଇଯିବା ଯୋଗୁ ପାରିନୂଆପଡା, ଦେଉଳସାହି. ନରସିଂହପୁର, ପେଗରପଡା ଓ ବଳିଭଣ୍ଡା ଆଦି ଅଞ୍ଚଳର ବହୁ ଚାଷି ଡାଲୁଅ ଚାଷ କରିପାରିନାହାନ୍ତି। ଏଥିସହ ଖରିଫ ଚାଷ ମଧ୍ୟ ପ୍ରଭାବିତ ହେଉଛି। ଅପରପକ୍ଷରେ ଗୋଟିଏ ସ୍ଥାନରେ ପାଣି ଜମି ରହିବା ଯୋଗୁ ମଶାଙ୍କ ଉପଦ୍ରବରେ ସ୍ଥାନୀୟ ଲୋକେ ବିଭିନ୍ନ ରୋଗରେ ପଡୁଛନ୍ତି। ଅପରପକ୍ଷେ କେତେଜଣ ଲୋକ ଯୋର ନିକଟରେ ଜବରଦଖଲ କରି ରଖିଛନ୍ତି। ଫଳରେ ପାଣି ଯିବାରେ ବାଧା ସୃଷ୍ଟି ହେଉଛି। ଏନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀ ଓ ଚାଷ କାର୍ଯ୍ୟର ବିକାଶ ପାଇଁ ଭେଡା ଯୋରକୁ ତୁରନ୍ତ ଖୋଲାଇବା ନିମନ୍ତେ ଚାଷୀମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି।



ଶୁଖିଯାଇଥିବା ଯୋର।

## 'ସ୍ୱର୍ଣ୍ଣ ଓଡ଼ିଶା'ର ସାରସ୍ୱତ ସମାରୋହ

**ଡେରାବିଶ, ୧୮।୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଦାନପୁର ପଞ୍ଚାୟତ କେଶରପୁରସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟ ସଭାକକ୍ଷରେ ବିଦ୍ୟାଳୟର ମାସିକ ସାହିତ୍ୟ ପତ୍ରିକା 'ସ୍ୱର୍ଣ୍ଣ ଓଡ଼ିଶା'ର ୫ମ ସାରସ୍ୱତ ସମାରୋହ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। 'ସ୍ୱର୍ଣ୍ଣ ଓଡ଼ିଶା'ର ସଭାପତି ସୁରେନ୍ଦ୍ର ପ୍ରସାଦ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହକୁ ମୁଖ୍ୟ ଅତିଥି ବସୁଧୈବ କୁଟୁମ୍ବକମ୍ ମିଶନ୍‌ର ପ୍ରତିଷ୍ଠାତା ସଭାପତି ଭାଗୀରଥି ସାହୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ଡା. ବୈଜୟନ୍ତୀ ମିଶ୍ର ମୁଖ୍ୟବକ୍ତା ଓ ଅଧ୍ୟାପିକା ଡା. ତରୁଲତା ଦେବୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧକ୍ଷ ତଥା ସ୍ୱର୍ଣ୍ଣ ଓଡ଼ିଶା ପତ୍ରିକାର ସମ୍ପାଦକ ମନୋଜ କୁମାର ପ୍ରଧାନ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ମଂଚ ପରିଚାଳନା କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ମନୋଜା ନାୟକ, ପ୍ରଭାତୀ ଦେବନାଥଙ୍କ ସଂଯୋଜନାରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ବସୁଧୈବ କୁଟୁମ୍ବକମ୍ ମିଶନର ସମ୍ପାଦକ ଶରତ ଚନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ସଂସଦ ସଭାପତି ଡା. ବାସୁଦେବ ଦାସ ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧକ୍ଷ ସାନ୍ତନୁ ସର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିଭାବେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ରଣେନ୍ଦ୍ର ସାମଲ ଯୋଗ ଦେଇଥିଲେ। ଶିକ୍ଷକ ସବ୍ୟସାଚୀ ମିଶ୍ର, ପ୍ରଫୁଲ୍ଲ ଦାଶ, ନିଶିକାନ୍ତ ମହାନ୍ତି, ପ୍ରହଲ୍ଲାଦ ସ୍ୱାଇଁ, ପ୍ରମୋଦ ନାୟକ, ବସନ୍ତ ସାମଲ, ମହେନ୍ଦ୍ର ବିଶ୍ୱାଳ, ଅବିନାଶ ପଲେଇ, ଅଶୋକ ବେହେରା, ଅନିଲ୍ ଦାଶ, ସୌମେନ୍ଦ୍ର ଭୂୟାଁ, ଧିରେନ କୁମାର ପଣ୍ଡା, ଶିକ୍ଷୟିତ୍ରୀ ନନ୍ଦିତା ପ୍ରଧାନ, ଦମୟନ୍ତୀ ସ୍ୱାଇଁ, ସୋନାଲି ସାହୁ, ଯଶଶ୍ରୀ ଶତପଥୀ, ପୁଷ୍ପାଞ୍ଜଳି ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବଢ଼ୁଛି ସଡ଼କ ଦୁର୍ଘଟଣା, ନାହିଁ ସଚେତନତା

**କେନ୍ଦ୍ରାପଡ଼ା ଅଫିସ, ୧୮।୧**

■ ୧୧ ଦିନରେ ୫ ମୃତ ୧୨ ଗୁରୁତର
■ ୧୦ଟି ଛୋଟ ବଡ଼ ଦୁର୍ଘଟଣା
■ କାଗଜପତ୍ରରେ ସୀମିତ ରହିଛି ସଚେତନତା
■ କାରଣ ଚିହ୍ନଟ କରୁନାହିଁ କମିଟି

ଗତ କିଛିଦିନ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ମାତ୍ର ଏଥିରୁ ବର୍ତ୍ତିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗତ ୧୧ ଦିନରେ ୧୦ଟି ଛୋଟ ବଡ ଦୁର୍ଘଟଣା ଘଟିଛି। ଶୁକ୍ରବାର ପଟ୍ଟାମୁଣ୍ଡାଇସ୍ଥିତ ବ୍ରାହ୍ମଣୀ ପୋଲ ନିକଟରେ ଅଟୋ ଓଲଟିପଡିବାରୁ ୪ ଜଣ ସ୍କୁଲ ଛାତ୍ରୀଛାତ୍ର ଗୁରୁତର ହୋଇଛନ୍ତି। ସେହିପରି ଗତ ୭ ତାରିଖରେ ୫ ନଂ (କ) ଜାତୀୟ ରାଜପଥ ଅଳାବାଙ୍କଠାରେ କାର ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଦୁର୍ଘଟଣାର ଶିକାର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୭ ଜଣ ଚିକିତ୍ସିତ ହୋଇଥିବାବେଳେ ୧୨ ଗୁରୁତରଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଜିଲାରେ ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ ଜିଲା ପ୍ରଶାସନ ଏସବୁକୁ ଅଣଦେଖା କରିଚାଲିଛି। ଏପରି କି ସଡ଼କ ଦୁର୍ଘଟଣାରେ ଗତବର୍ଷରୁ ଆଜି ପର୍ଯ୍ୟନ୍ତ କେତେଜଣଙ୍କ ମୃତ୍ୟୁ ଘଟିଛି ଏହାର ତଥ୍ୟ ଜିଲା ପରିବହନ ବିଭାଗ ଓ ପୋଲିସ ପ୍ରଶାସନ ନିକଟରେ ନାହିଁ। ଦୁର୍ଘଟଣାର କାରଣ ଖୋଜିବା ପରିବର୍ତ୍ତେ ପ୍ରଶାସନ ନୀରବ ରହୁଥିବାରୁ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ସଡ଼କ ସଚେତନତା କାର୍ଯ୍ୟକ୍ରମ କେବଳ କାଗଜପତ୍ରରେ ସୀମିତ ରହିଛି ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରଭାକର ସାମଲ କହିଛନ୍ତି, ଦୁର୍ଘଟଣା ପାଇଁ ଖାମଖିଆଲି ଗାଡ଼ିଚାଳନା, ଚାଳକଙ୍କ ମଦ୍ୟପାନ ଓ ମୋବାଇଲରେ କଥାବାର୍ତ୍ତା ଓ ସଡ଼କର ଖରାପ ଅବସ୍ଥା ମୁଖ୍ୟତଃ ଦାୟୀ। ଏଥିସହ ସଡ଼କ ନିରାପତ୍ତା ପାଇଁ ଥିବା ଆଇନଗୁଡ଼ିକୁ କଡାକଡ଼ି ଭାବେ ପାଳନ କରାଯାଉ ନ ଥିବାରୁ ଦିନକୁ ଦିନ ଦୁର୍ଘଟଣା ବଢ଼ି ଚାଲିଛି। ଏହାଛଡା ରାସ୍ତାରେ ମନମୁଖି ହମ୍ପସ ନିର୍ମାଣ, ତ୍ରୁଟିପୂର୍ଣ୍ଣ ନକ୍ସାରେ ରାସ୍ତା ନିର୍ମାଣ ଯୋଗୁ ଅଧିକାଂଶ ସମୟରେ ସଡ଼କ ଦୁର୍ଘଟଣା ହେଉଛି ବୋଲି ସାମଲ କହିଛନ୍ତି। ସେହିପରି ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ସଡ଼କ ଦୁର୍ଘଟଣା ରୋକିବା ପାଇଁ ଏସପି, ଜାତୀୟ ରାଜପଥର ସ୍ଥାନୀୟ ପ୍ରକଳ୍ପ ଅଧିକାରୀ, ଉପଜିଲାପାଳ, ଜାତୀୟ ରାଜପଥର ସ୍ଥାନୀୟ ନିର୍ବାହୀଯନ୍ତ୍ରୀ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ, ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। କମିଟି ଦୁର୍ଘଟଣାସ୍ଥଳଗୁଡ଼ିକର ଚିହ୍ନଟ କରି, ଏହାର କାରଣ ଓ ନିରାକରଣ ପାଇଁ ବ୍ୟବସ୍ଥା କରିବ। ତେବେ ଏହି କମିଟି କେବଳ କାଗଜପତ୍ରରେ ସୀମିତ ରହିବାଯୋଗୁ କୌଣସି ସୁଫଳ ମିଳିପାରୁନାହିଁ ବୋଲି ସେ କହିଛନ୍ତି। ସାମାଜିକ କର୍ମୀ ମନୋଜ କୁମାର ନାୟକଙ୍କ କହିବାନୁସାରେ, ସଡ଼କ ଦୁର୍ଘଟଣା ରୋକିବା ପାଇଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ମାତ୍ର ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଉନାହିଁ। ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଗାଡି ଚଳାଉଥିବା ଅଧିକାଂଶ ଚାଳକଙ୍କ ପାଖରେ ଲାଇସେନ୍ସ ନ ଥାଇ ସେମାନେ ଯାତ୍ରୀ ପରିବହନ କରୁଛନ୍ତି। ଏହାଛଡା ରାସ୍ତା ନିର୍ମାଣ ହେବାର କିଛିଦିନ ପରେ ଭାଙ୍ଗିଯାଉଛି। ରାସ୍ତା ପାର୍ଶ୍ୱରେ ଚଲା ରାସ୍ତା ନ ଥିବାରୁ ଓ ହମ୍ପସ ଚିହ୍ନଟ ହେଉ ନ ଥିବାରୁ ଦୁର୍ଘଟଣା ସଂଖ୍ୟା ବଢ଼ିଚାଲିଛି। ଏ ସମ୍ପର୍କରେ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ କୁହନ୍ତି, ସଡ଼କ ଦୁର୍ଘଟଣା ରୋକିବା ପାଇଁ ସଡ଼କ ନିରାପତ୍ତା ସପ୍ତାହ ପାଳନ ସହ ଲୋକଙ୍କ ମଧ୍ୟରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯାଉଛି। ଏଥିସହ ଗତ ୩ ଦିନ ତଳେ ଜିଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାରମ୍ବାର ଦୁର୍ଘଟଣା ସ୍ଥଳର ଚିହ୍ନଟ ଓ ଏହାର ନିରାକରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଜାନୁୟାରୀ ୧୯/୨୦୧୯ Bhubaneswar, Saturday, January 19/ 2019

# ବକେୟା ଅର୍ଥ ଦାବିରେ ଡମ୍ପର ସଂଘର ଧାରଣା

**ପାରାଦୀପ,୧୮।୧(ସ୍ୱ.ପ୍ର)**

ପାରାଦୀପ ବନ୍ଦରର ଅନ୍ୟତମ ଚର୍ଚ୍ଚିତ ବ୍ୟବହାରକାରୀ ସଂସ୍ଥା ସିୱେଜ୍ ସିପିଂ କମ୍ପାନୀ ଆଗରେ ଶୁକ୍ରବାର ଅପରାହ୍ନରେ ଡମ୍ପର ସଂଘ ପକ୍ଷରୁ ଧାରଣା ଦିଆଯାଇଛି। ଆନ୍ତଃ ପରିବହନରେ ନିୟୋଜିତ ଡମ୍ପର ମାଲିକ ସଂଘର ବକେୟା ଅର୍ଥ ଦାବିରେ ଏହି ଧାରଣା ଦିଆଯାଇଥିଲା। ସଂଘ ସଭାପତି ବିଜୟ କୁମାର ନାୟକ କହିଛନ୍ତି ଯେ, ଗତବର୍ଷ ମାର୍ଚ୍ଚରୁ ଏବେ ସୁଦ୍ଧା କମ୍ପାନୀ ଉପରେ ପ୍ରାୟ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବାକି ରହିଛି। ଆଲୋଚନା ପରେ ଅଗଷ୍ଟ ମାସ ପର୍ଯ୍ୟନ୍ତ ବକେୟା ଅର୍ଥ ଦେଇଛନ୍ତି। ଅବଶିଷ୍ଟ ବକେୟା ଅର୍ଥ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଦେବେ ବୋଲି କହିବା ପରେ ଧାରଣା ପ୍ରତ୍ୟାହାର କରାଗଲା। ସିୱେଜ କମ୍ପାନୀର ଡେପୁଟି ମ୍ୟାନେଜର ରାଘବେନ୍ଦ୍ର ବର୍ମା କହିଛନ୍ତି ଯେ ଏଭଳି ବକେୟା ରହିବା ସ୍ୱାଭାବିକ କଥା। ପ୍ରାୟ ସବୁ ଆଗଧାଡ଼ିର କମ୍ପାନୀ ବକେୟା ରଖିଛନ୍ତି। ଆମେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବକେୟା ଅର୍ଥ ଦେଉଛୁ। ଭିନ୍ନ ସ୍ୱାର୍ଥ ପାଇଁ କମ୍ପାନୀକୁ ବଦ୍‌ନାମ କରିବାକୁ ସଂଘ ପକ୍ଷରୁ ଏଭଳି କରାଯାଇଥିଲା, ଯାହାକି ଆଲୋଚନା ମାଧ୍ୟମରେ ଟଳିଯାଇଛି।



ଧାରଣାରେ ବସିଥିବା ଡମ୍ପର ସଂଘର କର୍ମକର୍ତ୍ତା।




## ମା'ଶାରଳା ମନ୍ଦିର ଭୋଗ, ଦୀପ ଓ ପାର୍କିଂଷ୍ଟାଣ୍ଡ ନିଲାମ ଅର୍ଥ ପଇଠରେ ବିଳମ୍ବ

# ୩୫ ଲକ୍ଷ ଟଙ୍କା ଫାଙ୍କିଦେବାକୁ ଉଦ୍ୟମ

- **ନୋଟିସ କରି ଚୁପ୍ ବସିଛି ପ୍ରଶାସନ**
- **ଫେବୃୟାରୀରେ ହେବ ପୁଣି ଟେଣ୍ଡର**

**ଜଗତ୍‌ସିଂହପୁର ଅଫିସ,୧୮।୧**

ଜଗତ୍‌ସିଂହପୁରର ପ୍ରସିଦ୍ଧ ମା'ଶାରଳାଙ୍କ ମନ୍ଦିର ପରିଚାଳନା ଦାୟିତ୍ୱ କଟକ ଦେବୋତ୍ତର କମିଶନରଙ୍କ ଉପରେ ନ୍ୟସ୍ତ। ମନ୍ଦିର ପ୍ରଶାସନ ପ୍ରତିବର୍ଷ ଭୋଗ, ଦୀପ ଓ ପାର୍କିଂ ଆଦି ଟେଣ୍ଡର କରି ମୋଟା ଅଙ୍କର ରାଜସ୍ୱ ପାଇଥାଏ। କିନ୍ତୁ ଚଳିତବର୍ଷ ନିଲାମଧାରୀମାନେ ପ୍ରାୟ ୩୫ ଲକ୍ଷ ଟଙ୍କା ଫାଙ୍କି ଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। କାରଣ ଆଉ ମାତ୍ର କେଇଟା ଦିନ ପରେ ନୂଆ ଟେଣ୍ଡର ହେବାର ଥିବାବେଳେ ଏଯାଏ ବକେୟା ଟଙ୍କା ଆଦାୟ ହୋଇପାରିନାହିଁ। ମନ୍ଦିର ପ୍ରଶାସନ କେବଳ ନୋଟିସ୍ କରି ଚୁପ୍ ରହିବା ଫଳରେ ନିଲାମଧାରୀଙ୍କୁ ଅର୍ଥ ଫାଙ୍କିବାକୁ ସୁଯୋଗ ମିଳୁଛି ବୋଲି କେତେଜଣ ପୂଜକ ଅଭିଯୋଗ ଆଣିଛନ୍ତି। ସେମାନେ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଉପଜିଲାପାଳଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିବାକୁ ଆସିଥିଲେ। କିନ୍ତୁ ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ଅନୁପସ୍ଥିତ ଥିବାରୁ ସେମାନେ ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଚାହିଁଥିଲେ। ହେଲେ ତାହା ସମ୍ଭବ ନ ହେବାରୁ ଫେରିଯାଇଥିବା କହିଛନ୍ତି।

ବୋର୍ଡ କୋଷାଧ୍ୟକ୍ଷ ହରି ଲେଙ୍କା କହିଛନ୍ତି ଯେ ପ୍ରତିବର୍ଷ ଥରେ ଭୋଗ, ଦୀପ ଦୋକାନ ସମେତ ପାର୍କିଂ ପାଇଁ ନିଲାମ କରାଯାଏ। ନିଲାମଧାରୀ ବର୍ଷକରେ ୭ଟି କିସ୍ତିରେ ଟଙ୍କା ଜମା କରିବାକୁ ସ୍ଥିର ହୋଇଛି। ପ୍ରଥମେ ନିଲାମ ପରିମାଣର ୧୨% ଅଗ୍ରୀମ ଦିଆଯାଏ ଓ ପରେ ୬ କିସ୍ତି ଆଦାୟ ହୁଏ। ସେଥିମଧ୍ୟରୁ ମାର୍ଚ୍ଚରେ ୩୦%, ଜୁନ, ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବରରେ ୧୨% ଲେଖାଏ ଓ ନଭେମ୍ବରରେ ୧୦% ନିଲାମ ରାଶି ପୈଠ କରିବା କଥା। କାଳେ ନିଲାମଧାରୀ ଟଙ୍କା ଦେବାରେ ବିଳମ୍ବ କରିବେ କିମ୍ବା ଫାଙ୍କିବେ, ସେଥିପାଇଁ ସେମାନଙ୍କଠାରୁ ୬ଟି ଲେଖାଏଁ ଚେକ୍ ଆଗୁଆ ରଖାଯାଇଥାଏ। ଟଙ୍କା ଜମାରେ ବିଳମ୍ବ ହେଲେ ଚେକ୍ ଲଗାଇ ଆଦାୟ କରିବା କଥା। ଚେକ୍ ବାଉନ୍ସ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଅନୁଯାୟୀ ୨୦୧୮ରେ ନିଲାମ କରାଯାଇଥିଲା। ୬୦ ଲକ୍ଷରୁ ଅଧିକ ଟଙ୍କାରେ ଭୋଗ, ୫୧ ଲକ୍ଷରୁ ଅଧିକ ଟଙ୍କାରେ ଦୀପ ଦୋକାନ ଓ ୨୧ ଲକ୍ଷରୁ ଅଧିକ ଟଙ୍କାରେ ପାର୍କିଂ ଷ୍ଟାଣ୍ଡ ନିଲାମ ହୋଇଥିଲା। ଭୋଗ ଦୋକାନ ନେଇଥିଲେ ସୁଶାନ୍ତ କୁମାର ରାଉଳ। ସେହିପରି ସାରଦା ଚରଣ ପଣ୍ଡା ଦୀପ ଓ ନିକୁଞ୍ଜ ବିହାରୀ ରାଉଳ ପାର୍କିଂଷ୍ଟାଣ୍ଡ ନେଇଥିଲେ। ୩ ଜଣ ୬ଟି ଲେଖାଏଁ ଚେକ୍ ଦେଇଥିଲେ। ଇତିମଧ୍ୟରେ ଭୋଗ ଦୋକାନୀ ୪ଟି କିସ୍ତିରୁ କିଛି ଅଧିକ ଟଙ୍କା ଜମା କରିଛନ୍ତି। ତାଙ୍କ ଉପରେ ୧୬ ଲକ୍ଷରୁ ଅଧିକ ଟଙ୍କା ବାକି ରହିଛି। ଦୀପ ଦୋକାନୀ ୫ଟି କିସ୍ତି ଟଙ୍କା ପୈଠ କରିଛନ୍ତି ଓ ତାଙ୍କ ଉପରେ ୧୧ ଲକ୍ଷରୁ ଅଧିକ ଟଙ୍କା ବକେୟା ଅଛି। ପାର୍କିଂଷ୍ଟାଣ୍ଡ ନେଇଥିବା ବ୍ୟକ୍ତି ୪ଟି କିସ୍ତି ଟଙ୍କା ଦେଇଛନ୍ତି। ଅବଶିଷ୍ଟ ୨ଟି କିସ୍ତି ଅର୍ଥାତ ୧୧ ଲକ୍ଷରୁ ଅଧିକ ଟଙ୍କା ଦେଇନାହାନ୍ତି। ସମସ୍ତ ଟଙ୍କା ୨୦୧୮ ନଭେମ୍ବର ୧୭ ଭିତରେ ନିଲାମଧାରୀ ବୋର୍ଡରେ ଜମା କରିବା କଥା। କିନ୍ତୁ ୩ ନିଲାମଧାରୀ ପାଖାପାଖି ୩୫ ଲକ୍ଷ ଟଙ୍କା ପୈଠ କରିବାରେ ବିଳମ୍ବ କରିଛନ୍ତି। ସେମାନଙ୍କୁ ତୁରନ୍ତ ନିଲାମ ରାଶି ପୈଠ କରିବାକୁ ବାରମ୍ବାର ନୋଟିସ୍ ହେଉଛି। କିନ୍ତୁ ସେମାନେ ଟଙ୍କା ଦେଉନାହାନ୍ତି। ତେଣୁ ବିଭାଗ ବାଧ୍ୟହୋଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କୋଷାଧ୍ୟକ୍ଷ ଲେଙ୍କା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ନିଲାମଧାରୀ ଟଙ୍କା ଦେଉ ନ ଥିବାବେଳେ କାହିଁକି ସେମାନେ ଦେଇଥିବା ଚେକ୍ ଲଗାଯାଉନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଇତିମଧ୍ୟରେ କେତୋଟି ଚେକ୍ ବାଉନ୍ସ ହୋଇଯାଇଥିବା କୁହାଯାଉଛି। ତେବେ ଆଗକୁ ବକେୟା ରାଶି ଆଦାୟ କରିବାରେ ବିଭାଗ ସଫଳ ହେଉଛି କି ନାହିଁ ତାହା ଦେଖିବାର ଅଛି।

### ନୀତି ପାଇଁ ହୋଇପାରେ ଅର୍ଥ ସଙ୍କଟ

**ତିର୍ତ୍ତୋଲ,୧୮।୧(ଡି.ଏନ.ଏ.)**

ମା' ଶାରଳାଙ୍କ ଦୈନିକ ନୀତିକାନ୍ତି ଅର୍ଥ ଅଭାବରୁ ବନ୍ଦ ହେବାର ଆଶଙ୍କା ସୃଷ୍ଟି ହେବାକୁ ଯାଉଛି। ସାଧାରଣତଃ ମନ୍ଦିର ପରିସର ଭୋଗ, ଦୀପ, ଶାଢୀ ଦୋକାନ, ଜୋତା ଷ୍ଟାଣ୍ଡ ଓ ଗାଡ଼ି ପାର୍କିଂ ଷ୍ଟାଣ୍ଡ ନିଲାମ ଅର୍ଥରେ ମା'ଙ୍କ ନୀତିକାନ୍ତି ହୋଇଥାଏ। କିନ୍ତୁ ଚଳିତ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ନିଲାମଧାରୀ ଦୋକାନୀଙ୍କ ଉପରେ ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବାକି ପଡିଛି। ନିଲାମଧାରୀମାନେ ଅଗଷ୍ଟ ଶେଷ ସୁଦ୍ଧା ସମସ୍ତ କିସ୍ତି ପୈଠ କରିବା କଥା। କିନ୍ତୁ ସେମାନେ ପୈଠ କରି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ନିୟମ ଅନୁଯାୟୀ, ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ନିଲାମ ପ୍ରକ୍ରିୟା ଶେଷ ହେଉଥିବାରୁ ଏପ୍ରିଲ ପହିଲାରୁ ନୂତନ ନିଲାମଧାରୀ ଦାୟିତ୍ୱ ବହନ କରିବା କଥା। ମନ୍ଦିର ପ୍ରଶାସନ କିନ୍ତୁ ଖିଲାପକାରୀଙ୍କୁ କେବଳ ଗୋଟିଏ ପରେ ଗୋଟିଏ ନୋଟିସ କରି ଚାଲିଛି। ମାତ୍ର ଟେଣ୍ଡର ନେଇଥିବା ଦୋକାନୀ ଏହାକୁ ଭ୍ରୂକ୍ଷେପ କରୁନାହାନ୍ତି।

# ରେଜିଷ୍ଟ୍ରୀ କଟକଣା ନ ଉଠିଲେ ଆନ୍ଦୋଳନ

**କୁଜଙ୍ଗ,୧୮।୧(ସ୍ୱ.ପ୍ର.)**

କୁଜଙ୍ଗ ତହସିଲ ଅଧୀନ ବାଲିଡ଼ିଆ, ନୂଆଗଡ଼, ବିଜୟଚନ୍ଦ୍ରପୁର, ଝିମାଣ, ସିଜୁ, କତକୁଲା, କାଠଗଡ଼ା, କୋଲଡ଼ିଆ, ବାହାର ତରିଡ଼ିଆ ଆଦି ରାଜସ୍ୱ ମୌଜାର ଜମିଜମା କ୍ରୟ ବିକ୍ରୟ ଉପରେ ୨୦୧୪ରୁ ରାଜସ୍ୱ ବିଭାଗ କଟକଣା ଜାରି କରିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଏହି କଟକଣା ନ ଉଠାଇଲେ ରାସ୍ତାରୋକୋ ଆନ୍ଦୋଳନ ଓ ସାଧାରଣ ନିର୍ବାଚନରେ ଭୋଟ୍ ଦାନ ବର୍ଜନ କରାଯିବ ବୋଲି ଜଗତସିଂହପୁର ଜିଲା ଦଲିଲ ଲେଖକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘ ସଭାପତି ପୀତାମ୍ବର ଶତପଥୀ, କୁଜଙ୍ଗ ଶାଖା ସଭାପତି କୃଷ୍ଣଚନ୍ଦ୍ର ରାଉତ, କୋଠୀର ସମିତିସଭ୍ୟ ଅରକ୍ଷୀତ ଦାସ ପ୍ରମୁଖ ତୁରନ୍ତ ଉକ୍ତ କଟକଣା ଉଠାଇବାକୁ ଦାବି କରିଛନ୍ତି। କଟକଣା ଫଳରେ ଏହି ଜମି କିଣାବିକା ହୋଇପାରୁନାହିଁ। ଶୁକ୍ରବାର ଜନସାଧାରଣ ପ୍ରତୀକାତ୍ମକ ଭାବେ କୁଜଙ୍ଗସ୍ଥିତ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।




## ■ ବାଲି, ମୋରମ ବୋଝେଇ ୪ ଟ୍ରକ୍ ଜବତ

# ୧ଲକ୍ଷ ୧୧ହଜାର ଜରିମାନା

**ତିର୍ତ୍ତୋଲ,୧୮।୧(ଡି.ଏନ.ଏ.)**

ତିର୍ତ୍ତୋଲ ତହସିଲଦାର କଟକ-ପାରାଦୀପ ରାସ୍ତାରେ ବେଆଇନ ଭାବରେ ବାଲି ଓ ମୋରମ ବୋଝେଇ କରି ଯାଉଥିବା ୪ଟି ଗାଡ଼ି ଜବତ କରି ୧ଲକ୍ଷ ୧୧ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି । ଏହି ଗାଡିଗୁଡିକ ଅଧିକ ପରିମାଣର ସାମଗ୍ରୀ ବୋଝେଇ କରି ଉପରେ ପାଲ ନ ବାନ୍ଧି ପରିବହନ କରୁଥିଲା। ତହସିଲଦାର ତହସିଲ କାର୍ଯ୍ୟାଳୟ ନିକଟରେ ଗାଡିଗୁଡିକ ଅଟକାଇଥିଲେ। ପରେ ଗାଡିଗୁଡିକ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ଜରିମାନା ଆଦାୟ ପରେ ସେଗୁଡିକୁ ଛାଡ଼ି ଦିଆଯାଇଛି।

# ହନୁମାନ ମନ୍ଦିରରେ ଋଗ୍‌ବେଦ ମହାଯଜ୍ଞ

**ପାରାଦୀପ,୧୮।୧(ସ୍ୱ.ପ୍ର):** ପାରାଦୀପର ବେଳାଭୂମି ରାସ୍ତା ପାଖରେ ଥିବା ହନୁମାନ ମନ୍ଦିର ପରିସରରେ ପ୍ରଥମ କରି ଋଗ୍‌ବେଦ ମହାଯଜ୍ଞ ଶୁକ୍ରବାର ପ୍ରତ୍ୟୁଷରୁ ଆରମ୍ଭ ହୋଇଛି। ଏଥିରେ ଅନ୍ତର୍ଜାତୀୟ ସତ୍ୟଚେତନା ଆଧ୍ୟାତ୍ମିକ ଆନ୍ଦୋଳନର ପ୍ରତିଷ୍ଠାତା ସ୍ୱାମୀ ଶ୍ରୀ ଆତ୍ମାନନ୍ଦଜୀ ମହାରାଜ ଯୋଗ ଦେଇଥିଲେ। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ଋଗ୍‌ବେଦର ୧୦୫୫୨ ମନ୍ତ୍ର ପାଠ କରାଯିବ।




# ବିଧାୟକଙ୍କ ବିରୋଧରେ ତେଜିଲା ସ୍ୱର




ସମ୍ମିଳନୀରେ ଉପସ୍ଥିତ ନେତା ଓ କର୍ମୀ।

**ଏରସମା,୧୮।୧(ସ୍ୱ.ପ୍ର.)**

ବାଲିକୁଦା-ଏରସମାର ଯୁବ ବିଜେଡି ନେତା ଶଶିକାନ୍ତ ପରିଡ଼ାଙ୍କ ନେତୃତ୍ୱରେ ଶୁକ୍ରବାର ଏକ ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏରସମା ସତ୍‌ସଙ୍ଗ ବିହାର ପାଖରୁ ଶତାଧିକ ବାଇକ୍‌ରେ କର୍ମୀମାନେ ଶୋଭାଯାତ୍ରାରେ ଯାଇ ଏରସମା ବଜାର ପରିକ୍ରମା କରିବା ପରେ କାଣିପଦା ଜାମୁମଠସ୍ଥିତ ସଭାସ୍ଥଳରେ ପହଞ୍ଚିଥିଲେ। ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପରିଡା ଯୋଗଦେଇ ସ୍ଥାନୀୟ ବିଧାୟକଙ୍କ ଉପରେ ବର୍ଷିଥିଲେ। ବାଲିକୁଦା-ଏରସମାରେ ବିକାଶମୂଳକ କାର୍ଯ୍ୟ ନ କରି ନିଜ ସ୍ୱାର୍ଥ ପାଇଁ ଲାଗିଥିବା ଜନ ପ୍ରତିନିଧିଙ୍କୁ ଉଚିତ ଜବାବ ଦେବା ପାଇଁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ଜୟଦେବ ସାହୁ, ଦିଲୀପ ବେହେରା,ପ୍ରଦୀପ ସାହୁ, ପ୍ରକାଶ ପରିଡା,ହେମନ୍ତ ଦାସ,ବାଦଲ ଦାସ,ପ୍ରମୋଦ ଦାସ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇ ଯୁବନେତା ପରିଡାଙ୍କ ସାମଜିକ କାର୍ଯ୍ୟ ଓ ପରୋପକାର ମନୋଭାବ ଉପରେ ଆଲୋକପାତ କରିଥିଲେ।

39
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଦୁଃଖ, ବିପଦ ଆସିବ ନାହିଁ ଏପରି ଭାବିବା ଭୁଲ୍। ତାହା ନିଶ୍ଚୟ ଆସିବ। କିନ୍ତୁ ଭକ୍ତର ସେଥିରେ କ'ଣ ହୁଏ ଜାଣ? ଦୁଃଖ ପୁଣି ତାହାର ପାଦତଳ ଦେଇ ପାଣି ସୁଅ ଗଲାପରି ଆପଣାଛାଏଁ ଚାଲିଯାଏ।
- ସାରଦା ଦେବୀ



## ସଂକ୍ଷେପରେ

### ସ୍ୱାସ୍ଥ୍ୟ ସଚିବଙ୍କ ଶୁଣାଣିରେ ପକ୍ଷ ରଖିବ କ୍ରିୟାନୁଷ୍ଠାନ କମିଟି

କୋରେଇ,୧୮।୧(ସ୍ୱ.ପ୍ର.)- ପାଣିକୋଇଲିଠାରେ ମେଡିକାଲ କଲେଜ ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଶାନ୍ତିପୂର୍ଣ୍ଣ ଗଣଧାରଣା ୬୮ ଦିନରେ ପହଞ୍ଚିଛି । ଏହି ଧାରଣାରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ସାମିଲ ହୋଇଛନ୍ତି। ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ସଚିବ ଜାନୁୟାରୀ ୨୫ରେ କ୍ରିୟାନୁଷ୍ଠାନ କମିଟିର ଅଭିଯୋଗ ଉପରେ ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା ଓ ବିବେକାନନ୍ଦ ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାରେ ନିଜର ପକ୍ଷ ରଖିବାକୁ ସ୍ୱାସ୍ଥ୍ୟ ସଚିବଙ୍କ ପକ୍ଷରୁ କ୍ରିୟାନୁଷ୍ଠାନ କମିଟିକୁ ଡାକରା ଦିଆଯାଇଛି। ଗଣଧାରଣାକୁ ୨ମାସ ବିତି ଯାଇଥିଲେ ମଧ ପ୍ରଶାସନ ଅଦ୍ୟାବଧି ଧାରଣାକାରୀଙ୍କ ନିକଟରେ ପହଞ୍ଚି ପାରିନାହିଁ। କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡେଇ, ଯୁଗ୍ମ ଆବାହକ ସୁବାସ ଧଳ, ପ୍ରଫୁଲ୍ଲ ନାୟକ, ଚନ୍ଦ୍ରଶେଖର ପଣ୍ଡା, ନୃସିଂହ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟ, ଚନ୍ଦ୍ରମଣି ସ୍ୱାଇଁ, ପୂର୍ଣ୍ଣାନନ୍ଦ ପରିଡା, ରାମଚନ୍ଦ୍ର ମଲ୍ଲିକ, ସୁଦର୍ଶନ ସାମଲ, ରତ୍ନାକର ପଣ୍ଡା, ଗୋକୁଳାନନ୍ଦ ମହାରଣା, ନିର୍ମଳ ରଥ, ଶିବରାମ ପାତ୍ର, ବେଣୁଧର ସାମଲ, ବୈଷ୍ଣବ ପଣ୍ଡା, ସାଜିଦ ଖାଁ, ସେକ ଜାହାଙ୍ଗିର, ମଧୁସୂଦନ ରାଉତ, ମୋତିଲାଲ ପାଢୀଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ଧାରଣାସ୍ଥଳରେ ଉପସ୍ଥିତ ଥିଲେ।

### ପୂର୍ବତନ ବିଧାୟକ ମାନଗୋବିନ୍ଦ ସାମଲଙ୍କ ଶ୍ରାଦ୍ଧବାର୍ଷିକୀ

ବାଲିଚନ୍ଦ୍ରପୁର,୧୮।୧(ସ୍ୱ.ପ୍ର.)- ବଡ଼ଚଣାର ପୂର୍ବତନ ବିଧାୟକ ମାନଗୋବିନ୍ଦ ସାମଲଙ୍କର ୧୬ତମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟ ପରିସରରେ ପାଳିତ ହୋଇଯାଇଛି। ଗୋପାଳପୁର ସେବା ସମବାୟ ସଭାପତି ଶରତ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ବୌଦ୍ଧ ଗବେଷକ ହରିଶ ଚନ୍ଦ୍ର ପୃଷ୍ଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ସାମଲଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ବିଜୟ କୁମାର ପାତ୍ର ସମ୍ମାନିତ ଅତିଥି, ଜିଲା ପରିଷଦ ସଦସ୍ୟ ବିପିନ ବିହାରୀ ଜେନା, ମାନଗୋବିନ୍ଦ ସାମଲଙ୍କ ପୁତ୍ର ତଥା ସରପଞ୍ଚ ଶରତ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ସାମଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ଗୁରୁପୂଜନ ଉତ୍ସବ

ଚଣ୍ଡିଖୋଲ,୧୮।୧(ଡି.ଏନ.ଏ.)ବଡ଼ଚଣା ବ୍ଲକ ଅନ୍ତର୍ଗତ ମଙ୍ଗିପଡା ମହାଗିରି ଉଚ୍ଚବିଦ୍ୟାଳୟର ୧୯୮୧ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବୁଧବାର ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମାତାଜୀ ସାମଲ ଅଧକ୍ଷତା କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ସାମଲ, ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ମାହନ୍ତ, ଶିଶିର କୁମାର ବଳ, ସୁରେନ୍ଦ୍ର କୁମାର ଜେନା, ଭିକାରୀ ଚରଣ ଜେନା ଓ ପ୍ରତିଷ୍ଠାତା ଗୋପୀନାଥ ବଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ପୁରାତନ ଛାତ୍ର ପ୍ରଭାକର ଜେନା ପୂର୍ବ ଅନୁଭୂତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଚନ୍ଦ୍ରମଣି ବଳ ଧନ୍ୟବାଦ ଦେଇଥିଲେ।

## ଘୋଷଣାରେ ସୀମିତ ନିରାମୟ ଯୋଜନା

# କାମ ଦେଉନି ଅଧିକାରୀଙ୍କ ଅନୁଧ୍ୟାନ

- ଅନୁଧ୍ୟାନ କରିବା ନିର୍ଦ୍ଦେଶକୁ ପୂରିଲାଣି ବର୍ଷେ
- କ୍ୟାମ୍ପସ ଭିତରେ ଘରୋଇ ଦୋକାନୀଙ୍କ ଆଡ୍ଡା

ଯାଜପୁର ଅଫିସ,୧୮।୧

ରାଜ୍ୟ ସରକାରଙ୍କ ପକ୍ଷରୁ ଗରିବ ଲୋକଙ୍କୁ ଉନ୍ନତମାନର ଔଷଧ ଯୋଗାଇ ଦେବା ଉଦ୍ଦେଶ୍ୟରେ ନିରାମୟ ଯୋଜନା ପରିକଳ୍ପନା କରାଯାଇଛି। ଅଥଚ ଯୋଜନା କାର୍ଯ୍ୟକାରୀ ହେବାର ୩ବର୍ଷରୁ ଊର୍ଦ୍ଧ୍ୱ କାଳ ବିତିଯାଇଥିଲେ ସୁଦ୍ଧା ବିଭିନ୍ନ ଔଷଧ କମ୍ପାନୀ ମୋହ ତୁଟୁ ନ ଥିବାରୁ ଏହି ନିରାମୟ ଯୋଜନା ଘୋଷଣାରେ ସୀମିତ ହୋଇ ରହିଛି। ଯାଜପୁର ଜିଲା ସଦର ଡାକ୍ତରଖାନା ଓ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦୁଇ ପ୍ରମୁଖ ଡାକ୍ତରଖାନା ପରିସରରେ ବେସରକାରୀ ଦୋକାନ ଖୋଲାଯାଇ ବିଭିନ୍ନ ନାମିଦାମୀ କମ୍ପାନୀର ଔଷଧ ଚଢାଦରରେ ଲୋକଙ୍କୁ ବିକ୍ରି କରାଯାଉଛି। ତେବେ ସରକାର ନିରାମୟ ଯୋଜନାକୁ ଅଧିକ ପ୍ରାଧାନ୍ୟ ଦେବାକୁ କେତେଜଣ ବରିଷ୍ଠ ଅଧିକାରୀଙ୍କୁ ପର୍ଯ୍ୟାଲୋଚନା ଦାୟିତ୍ୱ ଦେଇଥିଲେ। ଏହି ଅଧିକାରୀମାନେ ଔଷଧ ବଣ୍ଟନ କେନ୍ଦ୍ର (ଡିଡିସି)ଗୁଡିକୁ ମାସିକ ଦୁଇଥର ପରିଦର୍ଶନରେ ଯାଇ ନିରାମୟ କେମିତି ଚାଲିଛି ସେ ନେଇ ଅନୁଧ୍ୟାନ କରିବେ ବୋଲି ଗତ ୧୦।୧।୨୦୧୮ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ପ୍ରମୋଦ କୁମାର ମେହେର୍ଦ୍ଧା ସମ୍ପୃକ୍ତ ଅଧିକାରୀଙ୍କୁ ନୋଟିସ ଜାରି କରିଥିଲେ। ମାତ୍ର ଏହି ନିର୍ଦ୍ଦେଶକୁ ବର୍ଷେ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଦେଖିବାକୁ ମିଳିଛି।

ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ୨୦୧୫ ମେ ୧ରେ ତତ୍କାଳୀନ ଜିଲାପାଳଙ୍କ ଦ୍ୱାରା ନିରାମୟ ଯୋଜନା ଉଦ୍‌ଘାଟିତ ହୋଇଥିଲା। ଏହି ଯୋଜନାରେ ୫୫୮ପ୍ରକାର ବିଭିନ୍ନ ଔଷଧ ମାଗଣାରେ ଉପଲବ୍ଧ ହୋଇପାରିବ ବୋଲି ପ୍ରଚାର କରାଯାଇଥିଲା। ହେଲେ ଯାଜପୁର ସଦରରେ ୨୦୭ ଓ ଯାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨୧ ପ୍ରକାର ଔଷଧ ମିଳିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ସରକାର ଗରିବ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଲକ୍ଷ୍ୟରେ ନିରାମୟ ଯୋଜନା ପ୍ରଣୟନ କରିଛନ୍ତି। ମାତ୍ର ଜୀବନ ରକ୍ଷାକାରୀ ବିଭିନ୍ନ ମେଡିଶିନ ମିଳୁ ନ ଥିବାରୁ ରୋଗୀ ବାଧ ହୋଇ ବାହାରେ ମେଡିଶିନ କିଣୁଛନ୍ତି। ଜିଲା ସଦର ମହକୁମା ବ୍ୟତୀତ ଜିଲାର ୧୨ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଯୋଜନା ସାମିଲ ହୋଇଛି। ହେଲେ ଆଜିପର୍ଯ୍ୟନ୍ତ କୌଣସି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାହା ପୂର୍ଣ୍ଣମାତ୍ରାରେ ଆରମ୍ଭ ହୋଇ ପାରିନାହିଁ। ଏହି ଯୋଜନାକୁ ସଫଳ କରିବା ପାଇଁ ଡାକ୍ତରମାନେ ଏଯାଏ ମାନସିକସ୍ତରରେ ପ୍ରସ୍ତୁତ ହୋଇ ପାରୁନାହାନ୍ତି। ମେଡିଶିନ କମ୍ପାନୀ ଦ୍ୱାରା ଦିଆଯାଉଥିବା ବିଭିନ୍ନ ଉପହାର (ଆର୍ଥିକ ଓ ସାମଗ୍ରୀ) ଲୋଭ ଛାଡିପାରୁ ନ ଥିବା ଏହାର ମୁଖ୍ୟକାରଣ ହୋଇଛି। ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ଏକ ପ୍ରକାର ନର୍ସିଂହୋମରେ ପରିଣତ ହୋଇଛି। ଗତ ୨୭।୨।୨୦୧୫ରୁ ପତ୍ରସଂଖ୍ୟା ୪୫୩୮ରେ କ୍ୟାମ୍ପସ ମେଡିକାଲ ଷ୍ଟୋରକୁ ବନ୍ଦ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ହେଲେ ତାହା ଯାଜପୁର ଜିଲା ସଦର ଓ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗୁ ହୋଇପାରି ନାହିଁ। ନିର୍ଦ୍ଦେଶର ପ୍ରାୟ ୪ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରୋକ୍ଷରେ କ୍ୟାମ୍ପସ ମେଡିକାଲ ଷ୍ଟୋରକୁ ସୁରକ୍ଷା ଦିଆଯାଇ ଆସୁଛି। ଏହା ସୁଯୋଗରେ କ୍ୟାମ୍ପସ ମେଡିଶିନ ବେପାରୀ କୋର୍ଟ କଚେରୀର ଦ୍ୱାରସ୍ଥ ହୋଇଛନ୍ତି। ତଥାପି ଡାକ୍ତରଖାନା କର୍ତ୍ତୃପକ୍ଷ ଜାଣିଶୁଣି ଉପଯୁକ୍ତ କାରଣ ଦର୍ଶାଇ ପାରୁ ନ ଥିବାରୁ ମେଡିସିନ ବ୍ୟବସାୟୀମାନେ ସରକାରଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିବାରେ ସକ୍ଷମ ହୋଇଛନ୍ତି। ଡାକ୍ତରଖାନା ପରିସରରେ ମେଡିକାଲ ଦୋକାନ ମାମଲା ଉପରେ ଗତ ୨୪।୭।୨୦୧୮ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଗ୍ମସଚିବ ସ୍ମିତା ବିଶ୍ୱାଳ ତାଙ୍କ ପତ୍ରସଂଖ୍ୟା ୧୯୩୫୦ରେ ଯାଜପୁର ସିଡିଏମଓଙ୍କୁ ହାଇକୋର୍ଟରେ ଚାଲିଥିବା ମାମଲା ଉପରେ ଉପଯୁକ୍ତ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହା ବି ଏଯାଏ କାର୍ଯ୍ୟକାରୀ ହୋଇ ପାରିନାହିଁ। ଯାଜପୁର ଜିଲାର ନିରାମୟ ଯୋଜନା ସମ୍ପର୍କରେ ଅନୁଧ୍ୟାନ କରିବାକୁ ବ୍ଲଡ ସେଫଟି ନିର୍ଦ୍ଦେଶକଙ୍କୁ ଦାୟିତ୍ୱ ଦିଆଯାଇଛି। କେତେ ରୋଗୀ ପଞ୍ଜୀକୃତ ହୋଇଛନ୍ତି, ନିରାମୟ ଯୋଜନାରେ କେତେ ରୋଗୀ ଔଷଧ ପାଇଛନ୍ତି, ତାହାର ପ୍ରତିଶତ କେତେ ଏବଂ ଯଦି ନିରାମୟ ଯୋଜନାରେ ଔଷଧ ବଣ୍ଟନ ହୋଇ ନାହିଁ ତାର କାରଣ କ'ଣ ଆଦି ଅନୁଧ୍ୟାନ କରିବାକୁ ନୋଟିସ ହୋଇଥିଲା। ମାତ୍ର ବର୍ଷେ ପରେ ବି ପରିସ୍ଥିତି ଯାହାକୁ ତାହା ହିଁ ରହିଥିବା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଯାଜପୁର ସିଡିଏମଓ ବାରିସ କୁମାର ଦାସ କୁହନ୍ତି, ପ୍ରତ୍ୟେକ ଡାକ୍ତରଖାନାରେ ନିରାମୟ ଯୋଜନାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଯାହା ମେଡିସିନ ଯୋଗାଣ ହେଉଛି, ତାହା ରୋଗୀଙ୍କୁ ଉପଯୁକ୍ତ ଭାବେ ବଣ୍ଟନ କରାଯାଉଛି।

## ରାଜ୍ୟସ୍ତରୀୟ ହିଙ୍ଗୁଳା କପ୍

### ଫାଇନାଲରେ ବ୍ରହ୍ମପୁର

କୋରେଇ,୧୮।୧(ସ୍ୱ.ପ୍ର.)

ତରାପୁରସ୍ଥିତ ଆଞ୍ଚଳିକ ଯୁବ ପରିଷଦ ଆନୁକୂଲ୍ୟରେ ତରାପୁର ଖେଳ ପଡିଆରେ ଚାଲିଥିବା ୨୧ତମ ମା' ହିଙ୍ଗୁଳା କପ୍‌ର ପ୍ରଥମ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱରର ୟୁ ଆଣ୍ଡ ମି ଓ ବ୍ରହ୍ମପୁରର ୟୁନାଇଟେଡ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ରହ୍ମପୁର ପ୍ରଥମେ ବ୍ୟାଟିଂ କରି ୨୩.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୬ ରନ୍ କରିଥିଲା। ଜବାବରେ ବ୍ରହ୍ମପୁର ୧୮ ଓଭରରେ ୬ ଉଇକେଟ୍ ହରାଇ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଯୁବ ସାମାଜିକ କର୍ମୀ ରାଜେନ୍ଦ୍ର ସ୍ୱାଇଁ ଅତିଥିଭାବେ ଯୋଗଦେଇ ବିଜୟୀ ଟିମ୍‌ର ସନ୍ତୋଷ କୁମାର ସେଠୀଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ଆଞ୍ଚଳିକ ଯୁବ ପରିଷଦର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଏବଂ ପୁରୀର ମହାବୀର ସ୍ପୋର୍ଟିଂ ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

## ସ୍କୁଟି- ମିନି ଟ୍ରକ୍ ଧକ୍କା: ଜଣେ ମୃତ

# ୪ ଘଣ୍ଟା ରାସ୍ତା ଅବରୋଧ କଲେ ଉତ୍ତ୍ୟକ୍ତ ଲୋକେ

ଦଶରଥପୁର,୧୮।୧(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥ ଡାହାଣହତା ପଞ୍ଚାୟତର ତେନ୍ତୁଲିଡିହ ଛକ ନିକଟରେ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତ ଦୁଦୁରାଅନ୍ତା ଗ୍ରାମର ଶରତ ଚନ୍ଦ୍ର ବେହେରା(୬୦)। ମଙ୍ଗଳପୁର ପୋଲିସ ଘଟଣାସ୍ଥଳରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣାରୁ ପ୍ରକାଶ ଯେ, ଶରତ କୃଷି ବିଭାଗ କାର୍ଯ୍ୟାଳୟରୁ କାମ ସାରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ତେନ୍ତୁଲିଡିହ ଛକ ନିକଟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ ଇଟା ବୋଝେଇ ମିନି ଟ୍ରକ୍ (ଓଆର-୦୪ଜି-



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

୭୫୮୪) ସ୍କୁଟି ଉପରକୁ ମାଡିଯାଇଥିଲା। ଘଟଣାସ୍ଥଳରେ ହିଁ ଶରତଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ରାଜପଥ ଉପରେ ମୃତଦେହ ରଖି ଟାୟାର ଜାଳି ୪ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ପୋଲିସ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ସହ ଜିଲା ରେଡକ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଯୋଗାଇ ଦେଇଥିଲେ। କାଳିଆ ଯୋଜନା ମାଧ୍ୟମରେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

## ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ପ୍ରଥମ ସେମିଫାଇନାଲ

### ଫାଇନାଲରେ କ୍ରାଉନ କ୍ରିକେଟ କ୍ଲବ

ବିରଜାକ୍ଷେତ୍ର,୧୮।୧(ଡି.ଏନ୍.ଏ)

ରଘୁନାଥପୁର ଖେଳ ପଡ଼ିଆରେ ଆରମ୍ଭ ହୋଇଥିବା ଅଦ୍ୱୈତ ମେମୋରିଆଲ ଓ ୧୨ତମ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ସହ ଭୁବନେଶ୍ୱରର କ୍ରାଉନ କ୍ରିକେଟ୍ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କ୍ରାଉନ କ୍ରିକେଟ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୭ ଓଭରରେ ୯ୱିକେଟ୍ ହରାଇ ୧୫୧ ରନ୍ ସଂଗ୍ରହ କରିଥିଲା। ୧୫୧ ରନ୍‌କୁ ପିଛା କରି ଦ୍ୱିତୀୟରେ ବ୍ୟାଟିଂ କରି ରାମେଶ୍ୱର ସ୍ପୋର୍ଟିଂ କ୍ଲବ ୨୭ ଓଭରରେ ୯ ୱିକେଟ ହରାଇ ୧୪୨ରନ୍ ସଂଗ୍ରହ କରିଥିଲା। ୯ରନ୍ ବ୍ୟବଧାନରେ କ୍ରାଉନ କ୍ରିକେଟ୍ କ୍ଲବ ପ୍ରଥମ ସେମିଫାଇନାଲ ମ୍ୟାଚକୁ ଜିତି ନେଇଥିଲା। କ୍ରାଉନ କ୍ରିକେଟ କ୍ଲବର ଖେଳାଳି ସୂର୍ଯ୍ୟକାନ୍ତ ସାମଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା। ପରାଶର ବିଶ୍ୱାଳ ଓ ଆଶୁତୋଷ ପାଣି ଅମ୍ପାୟାରଭାବେ ଖେଳ ପରିଚାଳନା କରିଥିବାବେଳେ ସ୍କୋରରଭାବେ ଜୟନ୍ତ ନାୟକ, ରଘୁନାଥ ମାଝୀ ଓ ଚିନ୍ମୟ ରାଉତରାୟ କାର୍ଯ୍ୟ ନିର୍ବାହ କରିଥିଲେ।

## ଜାଲ୍ ନୋଟ୍ କାରବାରରେ ଗିରଫ ମହିଳାଙ୍କ ଭାଜପା ଲିଙ୍କ ଚର୍ଚ୍ଚା

# ସୋସିଆଲ ମିଡିଆରେ ଘୂରି ବୁଲୁଛି ଫଟୋ

ବିଞ୍ଝାରପୁର,୧୮।୧(ଡି.ଏନ.ଏ)

ଜାଲ ନୋଟ କାରବାରରେ ଗୁରୁବାର ଲୁସି ପରିଡ଼ା ନାମ୍ନୀ ଜଣେ ମହିଳା ଧରା ପଡ଼ିଥିଲେ। ଏହି ଘଟଣା ସମଗ୍ର ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏବେ ଲୁସିଙ୍କର ଭାଜପା ଲିଙ୍କ ଥିବା ନେଇ ଅଭିଯୋଗ ଉଠିଛି। ସୋସିଆଲ ମିଡିଆରେ କେତେଜଣ ଭାଜପା ନେତୃବୃନ୍ଦଙ୍କ ସହ ଲୁସିଙ୍କ ଫଟୋ ଭାଇରାଲ ହେବା ପରେ ଏହି ଅଭିଯୋଗ ଅଧିକ ଘନୀଭୂତ ହୋଇଛି। ଯାଜପୁର ଥାନା ପୋଲିସ ଗୁରୁବାର ଗରିଆପୁରଠାରେ ତାଙ୍କୁ ଗିରଫ କରିଥିଲା। ବିଞ୍ଝାରପୁର ବ୍ଲକ ବରପଦା ଗ୍ରାପର ଲୁସିଙ୍କ ବାସଗୃହ ସମେତ ଅଳକୁଣ୍ଡ ଗ୍ରାପର ବାପଘର ଉପରେ ଗୁରୁବାର ପୋଲିସ ଚଢାଉ କରି ଏହି ଜାଲ୍ ନୋଟ ସମ୍ପର୍କରେ ଖୋଳତାଡ଼ କରିବା ସହିତ ଲୁସିଙ୍କ ସମ୍ପର୍କୀୟଙ୍କ ଘର ଉପରେ ପୋଲିସ ଚଢାଉ ଜାରି ରଖିଛି। ତେବେ ଲୁସି ଗିରଫ ହେବା ପରେ ତାଙ୍କ ସହିତ ଭାଜପା ଲିଙ୍କ ନେଇ ଶୁକ୍ରବାର ମିଡିଆରେ ଫଟୋ ଭାଇରାଲ ହୋଇଛି। ଯାଜପୁର ଜିଲା ଭାଜପା ମହିଳା ମୋର୍ଚ୍ଚାର ସଭାନେତ୍ରୀ ବବିତା ମଲ୍ଲିକ, ଭାଜପାରେ ଯୋଗ ଦେଇଥିବା ସିନେ ଅଭିନେତ୍ରୀ ଅନୁ ଚୈଧୁରୀଙ୍କ ସହିତ ଲୁସିଙ୍କ ଫଟୋ ଭାଇରାଲ ହୋଇଛି। ଯାହାକୁ ନେଇ ବିଞ୍ଝାରପୁରରେ ରାଜନୈତିକ ଉଷ୍ମତା ବଢୁଥିବା ଲକ୍ଷ୍ୟ କରାଯାଇଛି। ଏ ସମ୍ପର୍କରେ ଭାଜପା ନେତ୍ରୀ ବବିତା ମଲ୍ଲିକଙ୍କୁ ପଚାରିବାରୁ, କେତେବେଳେ କିଏ ତାଙ୍କ ସହିତ ଫଟୋ ଉଠାଇଛି ତାହା ସେ ଜାଣନ୍ତି ନାହିଁ। ଲୁସି ବର୍ଷେରୁ ଅଧିକ ସମୟ ଧରି ଆଉ ତାଙ୍କ ସହିତ ନାହାନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ବବିତାଙ୍କର ଲୁସିଙ୍କ ସହ ପୂର୍ବରୁ ସମ୍ପର୍କ ଥିବା ଘଟଣାକୁ ନେଇ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଦଳ ସମାଲୋଚନା କରିଛନ୍ତି। ଲୁସିଙ୍କ ଭାଜପା ଲିଙ୍କ ନେଇ ସୋସିଆଲ ମିଡିଆରେ ଭାଇରାଲ ହେବା ଘଟଣା ସମ୍ପର୍କରେ ଏସଡିପିଓ ପ୍ରଶାନ୍ତ କୁମାର ମଲ୍ଲଙ୍କୁ ପଚାରିବାରୁ, ଏ ସମ୍ପର୍କିତ କୌଣସି ତଥ୍ୟ ତାଙ୍କ ନଜରକୁ ଆସି ନ ଥିବା ସେ ପ୍ରକାଶ କରିଛନ୍ତି।

## ଶିଶୁ ସୁରକ୍ଷା, ଯୌନ ଅପରାଧ କର୍ମଶାଳା

# 'ଘଟଣା ଘଟିବା ପୂର୍ବରୁ ସଚେତନ କରାଇବା ଜରୁରୀ'

ଯାଜପୁର ଅଫିସ,୧୮।୧

ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ସୁରକ୍ଷା କମିଟି ଓ ସ୍ୱେଚ୍ଛାସେବୀ ସଂଗଠନ ସଂଯୋଗର ମିଳିତ ସହଯୋଗରେ ଶୁକ୍ରବାର ଜଳଛାୟା ପ୍ରକଳ୍ପ ସମ୍ମିଳନୀ ଗୃହରେ ଯୌନ ଅପରାଧ ଓ ଶିଶୁ ସୁରକ୍ଷା ସମ୍ପର୍କରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ କୌଣସି ଘଟଣା ଘଟିବା ପୂର୍ବରୁ ବ୍ୟାପକ ସଚେତନ କରାଇଲେ ତାହା ଅଧିକ ସଫଳ ହେବ ବୋଲି କହିଥିଲେ। ଶିଶୁଙ୍କୁ ନିର୍ଯାତନା ଏକ ଘୃଣ୍ୟ ଓ ମାନସିକ ବିକାରଗ୍ରସ୍ତ କାର୍ଯ୍ୟ। ଏହା ବିରୋଧରେ ଅନେକ ଆଇନ ରହିଛି। ପ୍ରତ୍ୟେକ ବିଭାଗ ପରସ୍ପର ସମନ୍ୱୟ ମାଧ୍ୟମରେ ଏହି ଘୃଣ୍ୟତାକୁ ସମାଜରୁ ଦୂର କରାଯାଇପାରିବ ବୋଲି ସେ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଭାରପ୍ରାପ୍ତ ସମାଜ କଲ୍ୟାଣ ଅଧିକାରୀ ମୂଳା ରଥ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ରୀତା ବେହେରା ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା, ଶିଶୁ ଅଧିକାର, ସରକାରୀ ବ୍ୟବସ୍ଥା, ଶିଶୁ ନିର୍ଯାତନା ସମ୍ପର୍କରେ ରହିଥିବା ଆଇନଗତ ବ୍ୟବସ୍ଥା, ନିର୍ଯାତିତ ଶିଶୁ ପ୍ରତି ଦାୟିତ୍ୱ, ଥଇଥାନ ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଥିଲେ। ବିଷୟ ବିଷାରଦ ତଥା ଶିଶୁ ଅଧିକାର କର୍ମୀ ବେଣୁଧର ସେନାପତି ବିସ୍ତୃତ ଆଲୋଚନା କରି ଶିଶୁ ମନସ୍ତତ୍ତ୍ୱ, ଶିଶୁ ଅଧିକାର, ଶିଶୁ ନିର୍ଯ୍ୟାତନାର କାରଣ, ନିରାକରଣ, ଆଇନ ବ୍ୟବସ୍ଥା ସମ୍ପର୍କରେ ବିଷଦ ତଥ୍ୟ ପ୍ରଦାନ କରିଥିଲେ। ସଂଯୋଗର ଆଞ୍ଚଳିକ ପ୍ରକଳ୍ପ ସଂଯୋଜିକା ବିଜୟିନୀ ଦାସ ଏଥିରେ ଅଧକ୍ଷତା କରିବା ସହ ଶିଶୁ ସୁରକ୍ଷା ସହ ଜଡିତ ପ୍ରତ୍ୟେକ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ସମସ୍ତ ଥାନାର ଆଇଆଇସି, ବିଭିନ୍ନ ଶିଶୁ ଆଶ୍ରୟ ଗୃହର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ କମିଟିର ସଦସ୍ୟ ସୁବାଷ ଦେବତା, ହୃଷିକେଶ ପଣ୍ଡା, ଶିଶୁ ସୁରକ୍ଷା ୟୁନଟର କର୍ମକର୍ତ୍ତା ମିହିର ପ୍ରସାଦ ଜେନା, କାଳି ପ୍ରସାଦ ସାହୁ, ଶିଶିର ମଲ୍ଲିକ ପ୍ରମୁଖ ଆଲୋଚନା କରିଥିଲେ। ଲିଗାଲ ଅଫିସର ତପନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ନୂତନ କିଷାନ କଂଗ୍ରେସ ସଭାପତି ଧନେଶ୍ୱର

ସିଂହପୁର,୧୮।୧(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକର ନୂତନ କିଶାନ କଂଗ୍ରେସ ସଭାପତି ଭାବେ ଶୁକ୍ରବାର ଧନେଶ୍ୱର ସାମଲଙ୍କୁ ନିଯୁକ୍ତ କରାଯାଇଛି। ସଭାପତି ସାମଲ ତୃଣମୂଳସ୍ତରରୁ କଂଗ୍ରେସକୁ ମଜଭୁତ କରିବାକୁ ଶପଥ ନେଇଥିଲେ। ସଭାପତି ଭାବେ ମନୋନୀତ ହୋଇଥିବାରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଯାଜପୁର ଜିଲା କିଶାନ କଂଗ୍ରେସ ସଭାପତି ବିଜୟ ସ୍ୱାଇଁଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପରାଗ-ପ୍ରତୀକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ଅହିୟାସ୍ କ୍ରିକେଟ ଟିମ୍ ବିଜୟୀ

ଦଶରଥପୁର,୧୮।୧(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ରାମବାଗସ୍ଥିତ ରାମବାଗ ହାଇସ୍କୁଲ ପଡ଼ିଆଠାରେ ପରାଗ-ପ୍ରତୀକ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଆଇସିସି ସଭ୍ୟ କଂଗ୍ରେସ ଯୁବନେତା ପୁଳିନ ପ୍ରକାଶ ପୁହାଣଙ୍କ ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଯାଜପୁରର ଅତିରିକ୍ତ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଅକ୍ଷୟ କୁମାର ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମବାଗ ମହିଳା ମହାବିଦ୍ୟାଳୟ ଅଧକ୍ଷ ସରୋଜ କୁମାର ଦାସ, ଯୁକ୍ତ ୩ ଅଧକ୍ଷ ଚୈତନ୍ୟ ରାଉତ, କଂଗ୍ରେସ ଅନୁସୂଚିତ ଜାତି ବ୍ଲକ ସଭାପତି ରବିନାରାୟଣ ଜେନା, ଯୁବ କଂଗ୍ରେସ ନେତା ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଶାସନ୍ଦା କ୍ରିକେଟ୍ ଟିମ୍ ଓ ଅହିୟାସ କ୍ରିକେଟ୍ ଟିମ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଶାସନ୍ଦା କ୍ରିକେଟ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୦୨ ରନ୍ କରିଥିଲା। ଜବାବରେ ଅହିୟାସ କ୍ରିକେଟ୍ ଟିମ୍ ୧୭ ଓଭରରେ ୭ ଉଇକେଟ୍ ହରାଇ ୧୦୪ ରନ୍ କରି ବିଜୟୀ ହୋଇଥିଲା। ସନ୍ତୋଷ ନାୟକ, ଗଦାଧର କୁଅଁର, ସଞ୍ଜୀବ ଦାସ, ଲକ୍ଷ୍ମୀଧର ଶତପଥୀ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ରାଜୀବ ଗାନ୍ଧୀ ଷ୍ଟାଡିୟମ ବିକାଶ ପ୍ରସଙ୍ଗ

# ଜିଲାପାଳଙ୍କୁ ଚିଠି ଲେଖିଲେ ପୌର ପ୍ରଶାସକ

ଯାଜପୁରରୋଡ,୧୮।୧(ନି.ପ୍ର.)

ସ୍ଥାନୀୟ ରାଜୀବ ଗାନ୍ଧି ଷ୍ଟାଡିୟମର ରକ୍ଷଣାବେକ୍ଷଣ ଦାୟିତ୍ୱ ବ୍ୟାସନଗର ପୌରପରିଷଦ ଉପରେ ନ୍ୟସ୍ତ କରାଯାଇଥିଲା। ପୌର ପରିଷଦ ଓ କ୍ରୀଡ଼ା ବିଭାଗ ପକ୍ଷରୁ ଅର୍ଥ ବିନିଯୋଗ କରାଯାଇ ୨୦୦୮ ଜୁଲାଇ ୧୨ରେ ତତ୍କାଳୀନ ରାଜ୍ୟସଭା ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ ଷ୍ଟାଡିୟମ ଓ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରିଥିଲେ। ଏହି କମ୍ୟୁନିଟି ସେଣ୍ଟରରେ କମ୍ ଅର୍ଥରେ ବିବାହ, ବ୍ରତଘର, ବିଭିନ୍ନ ସଭା ସମିତି କରିବା ପାଇଁ ପୌର ପରିଷଦ ପକ୍ଷରୁ ଅନୁମତି ଦିଆଯାଏ। ଏହି ଷ୍ଟାଡିୟମରେ ଫୁଟବଲ୍, ଭଲି ଓ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଆସୁଛି। କ୍ରୀଡା ବିଭାଗ ଏହାର ଉନ୍ନତି ପାଇଁ ଜିଲାପାଳଙ୍କ ଜରିଆରେ ପୌର ପରିଷଦକୁ ୩ ଚିଠି କରିଛନ୍ତି। ପୌର ପରିଷଦ କ୍ରୀଡା ବିଭାଗକୁ ଷ୍ଟାଡିୟମ୍ ହସ୍ତାନ୍ତର କରୁ ନ ଥିବାରୁ କ୍ରୀଡା ବିଭାଗ ପକ୍ଷରୁ ବିକାଶ କରାଯାଉନାହିଁ। ଅପରପକ୍ଷରେ ଏହି ଷ୍ଟାଡିୟମରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ବିଧାୟକ ଆକାଶ ଦାସନାୟକ ଏକ ମିନି ଷ୍ଟାଡିୟମର ଶିଳାନ୍ୟାସ କରିଥିଲେ। କାର୍ଯ୍ୟ ଆରମ୍ଭ ବେଳେ ବିରୋଧ କରାଯିବାରୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ଯୋଗୁ ଏହି ଷ୍ଟାଡିୟମର ଗୁରୁତ୍ୱ ଥିବାରୁ ଏହାର ବିକାଶ ପାଇଁ ଯାଜପୁର ଜିଲା ଆଥଲେଟିକ୍ ଆସୋସିଏଶନର ସାଧାରଣ ସମ୍ପାଦକ ସମ୍ବିତ୍ କୁମାର ମହାନ୍ତି ଜିଲାପାଳ ଓ ରାଜ୍ୟ କ୍ରୀଡା ବିଭାଗକୁ ବାରମ୍ବାର ଅବଗତ କରୁଛନ୍ତି। ରାଜ୍ୟ କ୍ରୀଡା ବିଭାଗକୁ ଷ୍ଟାଡିୟମ୍ ହସ୍ତାନ୍ତର କରିବା ପାଇଁ ସମ୍ପାଦକ ମହାନ୍ତି ଦାବି କରିଛନ୍ତି। ବିବାଦ ଉପୁଜିବାରୁ ପୌର ପରିଷଦର ପ୍ରଶାସକ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଜିଲାପାଳଙ୍କୁ ଚିଠି ନଂ-୨୩, ୨।୧।୨୦୧୯ରେ ଷ୍ଟାଡିୟମର ବିକାଶ ପାଇଁ ଚିଠି ଲେଖିଛନ୍ତି। ପୌର ପରିଷଦ ଏହି ଷ୍ଟାଡିୟମର ରକ୍ଷଣାବେକ୍ଷଣ କରିବା ପାଇଁ ମଧ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ପୌର ପରିଷଦର ପ୍ରଶାସକ ମିଶ୍ର କୁହନ୍ତି, ପୌର ପରିଷଦ ଷ୍ଟାଡିୟମ୍‌କୁ ହାତକୁ ନେଇନାହିଁ। ଜନସାଧାରଣଙ୍କ ସୁବିଧା ନିମନ୍ତେ କ୍ଲବ୍ ହାଉସ୍‌ରେ ବିବାହ ଭୋଜି କରିବା ପାଇଁ ଏକ ସ୍ୱତନ୍ତ୍ର ବାଉଣ୍ଡରୀ ନିର୍ମାଣ ପାଇଁ ପୌର ପରିଷଦ ଅନୁଦାନ ମଞ୍ଜୁର କରିଥିଲା। ଏହି ଜମିକୁ କେହି ହଡପ୍ କରିନାହାନ୍ତି ବୋଲି ସେ କହିଥିଲେ।

# ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି, ଏଲଇଡି ବଲ୍‌ବ ପ୍ରଦାନ

ରସୁଲପୁର,୧୮।୧(ଡି.ଏନ.ଏ.)

ରସୁଲପୁର ବ୍ଲକର ରସୁଲପୁର, ମୁଗୁପାଳ, ଅତଲାପୁର ଆଦି ପଞ୍ଚାୟତରେ ଶୁକ୍ରବାର ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ପ୍ରୋତ୍ସାହନ, ମାନପତ୍ର ଓ ଏଲଇଡି ବଲ୍‌ବ ପ୍ରଦାନ କରାଯାଇଛି। ରସୁଲପୁର ପଞ୍ଚାୟତରେ ସରପଞ୍ଚ ଗୋଲକ ବିହାରୀ ପଣ୍ଡା ଅଧକ୍ଷତା କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପଞ୍ଚାୟତ ସଭାପତି ଶଶିଭୂଷଣ ପରିଡ଼ା ସମ୍ମାନିତ ଅତିଥି, ପର୍ଯ୍ୟବେକ୍ଷକ ଆକୁଳାନନ୍ଦ ଜେନାମଣି, ମହିଳା ସଭାନେତ୍ରୀ ଅନ୍ନପୂର୍ଣ୍ଣା ସାହୁ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ୮ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣରେ ସଫଳତା ପାଇଁ ୨୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି, ୩୬ଟି ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ମାନପତ୍ର



ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି ।

ସହ ୧୫ ହଜାର ଟଙ୍କାର ମୂଳଧନ, ୧୧ଜଣଙ୍କୁ ମୋ ଗୁହାଳ କାର୍ଯ୍ୟାଦେଶ, ୧୦୦ ପରିବାରକୁ ଏଲଇଡି ବଲ୍‌ବ ପ୍ରଦାନ କରିଥିଲେ। ନିର୍ବାହୀ ଅଧିକାରୀ ସସ୍ମିତା ମଳିକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ସେହିପରି ମୁଗୁପାଳ ପଞ୍ଚାୟତରେ ସରପଞ୍ଚ ଭବାନୀ ଶଙ୍କର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ଲକ୍ଷ୍ମୀପ୍ରିୟା ଦାସ, ନିର୍ବାହୀ ଅଧିକାରୀ ଝିଲି ସାହୁ, ରେଣୁବାଳା ମହାରଣା, ବିଜୟ ଦାସ, ଶିଶିର ମହାନ୍ତି, ଯୁବନେତା ଦିନେଶ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ୱୟଂସହାୟିକା ଗୋଷ୍ଠୀକୁ ପ୍ରୋତ୍ସାହନ ରାଶି ଓ ହିତାଧିକାରୀଙ୍କୁ ଏଲଇଡି ବଲ୍‌ବ ପ୍ରଦାନ କରିଥିଲେ। କାର୍ତ୍ତିକ କଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଅତଲାପୁର ପଞ୍ଚାୟତରେ ସରପଞ୍ଚ ପ୍ରଫୁଲ୍ଲ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ମହାନ୍ତି, ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ରଣା, ଉଦ୍ଧବ ପୃଷ୍ଟି, ଯୁବ ବାହିନୀ ପକ୍ଷରୁ ଇମାମ୍ ଉଦ୍ଦିନ, ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ହିତାଧିକାରୀଠାରୁ ଆବେଦନ ଫର୍ମ ସଂଗ୍ରହ କରାଯାଇଥିଲା। ୧୦ରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜିଙ୍କୁ ନେଇ ଆଲୋଚନା ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଜାନୁୟାରୀ, ୨୦୧୯



ଦୁଃଖ, ବିପଦ ଆସିବ ନାହିଁ ଏପରି ଭାବିବା ଭୁଲ୍। ତାହା ନିଶ୍ଚୟ ଆସିବ। କିନ୍ତୁ ଭକ୍ତର ସେଥିରେ କ'ଣ ହୁଏ ଜାଣ? ଦୁଃଖ ପୁଣି ତାହାର ପାଦତଳ ଦେଇ ପାଣି ସୁଅ ଗଲାପରି ଆପଣାଛାଏଁ ଚାଲିଯାଏ।
- ସାରଦା ଦେବୀ



# ଚାଷୀଙ୍କୁ ହତୋତ୍ସାହ କରୁଛି ଉଦ୍ୟାନ ବିଭାଗ

- କୃଷିମନ୍ତ୍ରୀଙ୍କୁ ଭେଟିଲେ ଚାଷୀ
- ୭ ଦିନ ଭିତରେ ସମାଧାନ କରିବାକୁ ପ୍ରତିଶ୍ରୁତି

**ନୟାଗଡ଼ ଅଫିସ,୧୮।୧**

ନୟାଗଡ଼ ଜିଲା ଉଦ୍ୟାନ ବିଭାଗ ଚାଷୀଙ୍କ ଉନ୍ନତି ନିମନ୍ତେ କାମ ନ କରି ଅବନତି ପାଇଁ କାର୍ଯ୍ୟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ସମୟରେ ଚାଷୀମାନେ ଉଦ୍ୟାନ ବିଭାଗଠାରୁ କାର୍ଯ୍ୟାଦେଶ ପାଇ ଚାଷ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଉ ନାହିଁ। ଫଳରେ ଜିଲାର ୮ଟି ବ୍ଲକର ଚାଷୀମାନେ ଉଦ୍ୟାନ ବିଭାଗର ଚକ୍ରାନ୍ତର ଶିକାର ହୋଇଛନ୍ତି। ଏ ନେଇ ବିଭାଗଠାରେ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ସମାଧାନ ନ ହେବାରୁ ଶୁକ୍ରବାର ନୟାଗଡ଼ ଜିଲା ଗସ୍ତରେ ଆସିଥିବା ଅର୍ଥ, କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଶଶିଭୂଷଣ ବେହେରାଙ୍କୁ ଭେଟିଅଭିଯୋଗ କରିଛନ୍ତି। ମନ୍ତ୍ରୀ ବେହେରା ଚାଷୀମାନଙ୍କ ସହିତ ଆଲୋଚନା କରି ୭ ଦିନ ଭିତରେ ଏହାର ସମାଧାନ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାର ୮ଟି ବ୍ଲକର ଚାଷୀମାନେ କରିଥିବା ଅଭିଯୋଗ ଅନୁସାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ୨୦୧୬-୧୭ ଆର୍ଥିକ ବର୍ଷରେ ପାମ୍ ଅଏଲ ଗଛ ଲଗାଇଥିଲେ। ହେକ୍ଟର ପିଛା ୩ ବର୍ଷ ପାଇଁ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ହେଲେ ଉଦ୍ୟାନ ବିଭାଗ ଏହାକୁ ଏମଜିଏନଆରଜିଏସ୍ ଯୋଜନାରେ ନ କରି ଏମଆଇଡିଏଚ୍ ଯୋଜନାରେ କରିଥିବା ଅଧିକାରୀମାନେ ଚାଷୀଙ୍କୁ ଜଣାଇଥିଲେ। ଯାହା ଦ୍ୱାରା ତାଙ୍କୁ ୩ ବର୍ଷରେ ମାତ୍ର ୨୦ ହଜାର ଟଙ୍କା ମିଳିବ। ଏହା ଜାଣିବା ପରେ ଚାଷୀମାନେ ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ସେମାନେ କିଛି କରିପାରିବେ ନାହିଁ ସରକାରଙ୍କ ତରଫରୁ ଯାହା ନୀତି ନିୟମ ଅଛି ବୋଲି ସଫେଇ ଦେଇଥିଲେ। ବହୁ ଚାଷୀ ଏ ନେଇ ବାରମ୍ବାର ବିଭାଗକୁ ଜଣାଇଥିଲେ। ହେଲେ ଏହାର ସମାଧାନ ହୋଇପାରି ନ ଥିଲା। ୩ ଅକ୍ଟୋବର ୨୦୧୮ରେ ଚାଷୀମାନେ ଏହାର ସମାଧାନ ପାଇଁ ଡିଡିଏଚ୍ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଦୁଇ ସପ୍ତାହ ଭିତରେ ଏହାର ସମାଧାନ ହେବ ବୋଲି ଡିଡିଏଚ୍ ଭାଗିରଥୀ ପ୍ରଧାନ କହିଥିଲେ। ହେଲେ ଯଥା ପୂର୍ବଂ ତଥା ପର ନୀତି ଆପଣାଇଥିଲା ବିଭାଗ। ଫଳରେ ଚାଷୀମାନେ ପୁନର୍ବାର ନଭେମ୍ବର ୮ ତାରିଖରେ ଡିଡିଏଚ୍ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଗଛ ଲଗାଇବାର ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଟଙ୍କା ନ ମିଳିବାରୁ ଶୁକ୍ରବାର ମନ୍ତ୍ରୀ ବେହେରା ନୟାଗଡ଼ ଜିଲା ଗସ୍ତରେ ଆସିଥିବାରୁ ଚାଷୀମାନେ ତାଙ୍କୁ ଭେଟିଥିଲେ। ନାରାୟଣ ବେହେରା, ସନ୍ତୋଷ କୁମାର ସାହୁ, ଗୌରାଙ୍ଗ ପ୍ରଧାନଙ୍କ ସମେତ ବହୁ ଚାଷୀ କୃଷିମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ। ଏ ନେଇ ଉଦ୍ୟାନ ବିଭାଗ ଉପକୃଷି ନିର୍ଦ୍ଦେଶକ ଭାଗିରଥୀ ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି, ବର୍ତ୍ତମାନ ବିଭାଗର ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସେମାନଙ୍କ କାର୍ଯ୍ୟ ହୋଇପାରୁ ନାହିଁ। ସେହିଭଳି କିଛି ଦିନ ଭିତରେ ଚାଷୀମାନଙ୍କୁ ସମସ୍ତ ଟଙ୍କା ପ୍ରଦାନ କରାଯିବ ବୋଲି ମଧ୍ୟ ପ୍ରକାଶ କରିଥିଲେ।



ମନ୍ତ୍ରୀ ଚାଷୀମାନଙ୍କ ଅଭିଯୋଗ ପତ୍ର ଦେଖୁଛନ୍ତି।

# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ: ଖଣ୍ଡପଡ଼ା ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ୍ ଟିମ୍।

**ଖଣ୍ଡପଡା,୧୮।୧(ସ୍ୱ.ପ୍ର.)**

ଶ୍ରୀ ନୀଳକଣ୍ଠେଶ୍ୱର ଦେବ ବ୍ୟାଡମିଣ୍ଟନ ଟିମ୍ ଆନୁକୂଲ୍ୟରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଟୁର୍ନାମେଣ୍ଟରେ ଆଠଗଡ, ଖୋର୍ଦ୍ଧା, ବ୍ରହ୍ମପୁର, ଶରଣକୁଳ, ନୂଆଗାଁ, ବାଲୁଗାଁ, ନୟାଗଡ଼, କଡବ, ନରସିଂହପୁର, ଖଣ୍ଡପଡା, ରଣପୁର, ଦଶପଲ୍ଲା ଅଞ୍ଚଳରୁ ୧୩ ଟିମ୍ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଖଣ୍ଡପଡା ଟିମ୍‌ର ରାଜେଶ ଓ ରାକେଶ ଯୋଡି ନୂଆଗାଁର ଜୟରାମ ଓ ସ୍ୱପ୍ନେନ୍ଦୁଙ୍କୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲେ। ୨ୟ ଦିବସ ମ୍ୟାଚରେ ଖୋର୍ଦ୍ଧା ଟିମ୍‌ର ଆଲାମ ଓ ରାଜା ଯୋଡି, ଆଠଗଡର ଗୁଗୁଲି ଓ ଜିତେଶଙ୍କୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲେ। ଫାଇନାଲ ଖେଳ ଖଣ୍ଡପଡା ଓ ଖୋର୍ଦ୍ଧା ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖଣ୍ଡପଡା ଦଳ ଖୋର୍ଦ୍ଧାକୁ ୨-୧ ସେଟ୍‌ରେ ପରାସ୍ତ କରି ଚଳିତବର୍ଷ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ନଗଦ ୪୦୦୧ ଟଙ୍କା ଓ ରନର୍ସ ଅପ୍ ଖୋର୍ଦ୍ଧା ଟିମ୍‌କୁ ଟ୍ରଫି ସହ ୨୦୦୧ ଟଙ୍କା ପ୍ରଦାନ କରାଯାଇଥିଲା। ଖଣ୍ଡପଡାର ବ୍ୟାଡମିଣ୍ଟନ ଖେଳାଳୀ କିଶୋର ସାମନ୍ତରାୟ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଅନିଲ ରାୟ ଓ ସହଯୋଗୀ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଆମ ଘରେ ଏଲ୍‌ଇଡି ଯୋଜନାରେ ବଲ୍‌ବ ବଣ୍ଟନ

**ଗଣିଆ,୧୮।୧(ଡି.ଏନ.ଏ.):** ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତର ଇନ୍ଦିପଛା ଗ୍ରାମ ବାଉତୀ ଠାକୁରାଣୀ ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ଆମ ଘରେ ଏଲ୍‌ଇଡି ଯୋଜନାରେ ହିତାଧିକାରୀଙ୍କୁ ବଲ୍‌ବ ବଣ୍ଟନ କରାଯାଇଛି। ବିଡିଓ ମାନସ ରଞ୍ଜନ ସାମଲ, ଅତିରିକ୍ତ ବିଡିଓ ସରୋଜ କୁମାର ନାୟକ, କିଶୋରପ୍ରସାଦ ସରପଞ୍ଚ ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଶେଷକରି କାଳିଆ ଯୋଜନାରେ କୃଷକମାନଙ୍କ ପାଇଁ ଥିବା ସୁବିଧାସୁଯୋଗ ସମ୍ପର୍କରେ କହିଥିଲେ। ପରେ ୧୦୦ ରାଶନ କାର୍ଡଧାରୀ ପରିବାରକୁ ୪ଟି ଲେଖାଏ ଏଲ୍‌ଇଡି ବଲ୍‌ବ, ମିଶନ ଶକ୍ତି ଜରିଆରେ ୨୩ଟି ସ୍ୱୟଂସହାୟକ ଗୋଷ୍ଠୀ ଓ ଅଙ୍ଗନୱାଡି ଜରିଆରେ ୨୩ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିସହ ସୁନେତ୍ର ଯୋଜନାରେ ୧୮ ଜଣଙ୍କୁ ମାଗଣାରେ ଚଷମା ଦିଆଯାଇଥିଲା।

### ଗଡ଼ିଆସାହିରେ ଭାଜପା କର୍ମୀ ସମ୍ମିଳନୀ

**ଖଣ୍ଡପଡା,୧୮।୧(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଗଡିଆସାହିଠାରେ ଭାଜପା ନେତା କ୍ୟାପ୍‌ଟେନ୍ ଶିବପ୍ରସାଦ ଭଞ୍ଜଙ୍କ ଆବାହକତ୍ୱରେ ପଞ୍ଚାୟତସ୍ତରୀୟ ଭାଜପା କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସଭାପତି ଲକ୍ଷ୍ମୀଧର ମହାନ୍ତି ପୌରୋହିତ୍ୟ କରିଥିଲେ। ଗଡିଆସାହି ପଞ୍ଚାୟତ ପ୍ରଭାରୀ ଦୁର୍ଗାପ୍ରସାଦ ନନ୍ଦ, ସହ ପ୍ରମୁଖ ସୁଶାନ୍ତ କୁମାର ମିଶ୍ର, ପୂର୍ବତନ ସରପଞ୍ଚ ପ୍ରାର୍ଥୀ ବଚନ ବେହେରା, ସଞ୍ଜୟ ଷଡଙ୍ଗୀ, ପୂର୍ବତନ ଖଣ୍ଡପଡା ବ୍ଲକ ଅଧ୍ୟକ୍ଷ ତଥା ଭାଜପା ଜିଲା ଉପସଭାପତି ଶୈଳେନ୍ଦ୍ର କୁମାର ରାଉତଙ୍କ ସମେତ କର୍ମୀ ଓ ସଂଗଠକ ଯୋଗଦେଇ ଦଳୀୟ ସଂଗଠନକୁ ସୁଦୃଢ କରିବା ଉପରେ ମତାମତ ଦେଇଥିଲେ। ପ୍ରତି ପଞ୍ଚାୟତରେ ବୁଥ୍ କମିଟି ଗଠନ ସହ କମିଟିରେ ୨୫ ଜଣ ସଦସ୍ୟ ରହିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକ ପଞ୍ଚାୟତରେ ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

### ଗ୍ୟାରେଜରେ ଅଗ୍ନିକାଣ୍ଡ: ୨ ଗାଡ଼ି ପୋଡ଼ିଗଲା



**ନୂଆଗାଁ,୧୮।୧ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଡିମିରିଝରୀ ଗ୍ରାମରେ ଥିବା ଏକ ଗ୍ୟାରେଜରେ ଶୁକ୍ରବାର ରାତି ୧୦ଟାରେ ନିଆଁ ଲାଗି ବହୁ ସାମଗ୍ରୀ ପୋଡି ଯାଇଛି। ଗ୍ରାମର ୫୭ନଂ. ଜାତୀୟ ରାଜପଥ କଡରେ ଥିବା ବ୍ରଜ ଭାଇ ଗ୍ୟାରେଜରେ ନିଆଁ ଲାଗିଯାଇ ସେଠାରେ ଥିବା ଦୁଇଟି ଗ୍ୟାସ୍ ସିଲିଣ୍ଡର ଫାଟି ଯାଇଥିଲା। ଅଗ୍ନିକାଣ୍ଡରେ ଗ୍ୟାରେଜରେ ମରାମତି ପାଇଁ ଥିବା ଏକ ଟ୍ରକ ଓ ଅନ୍ୟ ଏକ ଗାଡି ସହ ଅନ୍ୟାନ୍ୟ ସାମଗ୍ରୀ ପୋଡିଯାଇଛି। ଗ୍ୟାରେଜ ମାଲିକ ବ୍ରଜ କିଶୋର ସାହୁ କହିବା ମୁତାବକ ସେ ଗ୍ୟାରେଜ ବନ୍ଦ କରି ଯିବା ପରେ କେହି ଦୁର୍ବୃତ୍ତ ଏଭଳି କାଣ୍ଡ ଘଟାଇଛି। ଖବରପାଇ ନୂଆଗାଁ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଗ୍ୟାରେଜଟି ପୋଡି ଯାଇଥିଲା।

### ବ୍ଲକସ୍ତରୀୟ କଂଗ୍ରେସ କର୍ମୀସମ୍ମିଳନୀ

**ବୋଲଗଡ,୧୮।୧(ଡି.ଏନ.ଏ.):** ବୋଲଗଡ ବ୍ଲକ ପିଟୁକୁଲି ଠାରେ କଂଗ୍ରେସ ପକ୍ଷରୁ ବ୍ଲକସ୍ତରୀୟ କର୍ମୀସମ୍ମିଳନୀ ଅନିଷ୍ଠିତ ହୋଇଛି। କଂଗ୍ରେସ ନେତା ପ୍ରକାଶ କୁମାର ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କର୍ମୀସମ୍ମିଳନୀରେ ଗଦାଧର ଚମ୍ପତି ସଭାପତିତ୍ୱ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଶାନ୍ତ କୁମାର ପରିଡା,ପୂର୍ବତନ ସମ୍ପାଦକ ପ୍ରଭାତ ପରିଡା, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଖୋର୍ଦ୍ଧା ଜିଲା କର୍ମକର୍ତ୍ତା ସୀମାଞ୍ଚଳ ଖଣ୍ଡାଇ, ବେଗୁନିଆ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ରମେଶ ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ପ୍ୟାରୀ ଦାସ, ମାଧବ ବିଶ୍ୱାଳ, ପ୍ରଫୁଲ ଜୟସିଂହ ପ୍ରମୁଖ ବ୍ଲକ ଅଞ୍ଚଳର ବହୁ ଛାମୁଆ କର୍ମୀ ଏ ସଂଗଠକ ଉକ୍ତ ବୈଠକରେ ଉପସ୍ଥିତ ଥିଲେ।

# ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ପ୍ରୋତ୍ସାହନ ରାଶି

**ନୂଆଗାଁ,୧୮।୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ପ୍ରୋତ୍ସାହନ ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ ଉପେକ୍ଷା କରାଯାଇ ବିଳମ୍ବରେ ନିର୍ମାଣ କାର୍ଯ୍ୟ ସାରିଥିବା ହିତାଧିକାରୀଙ୍କୁ ଅଗ୍ରାଧିକାର ଦିଆଯାଉଥିବା ନେଇ ଅଭିଯୋଗ ଆଣିଛନ୍ତି ଉଦୟପୁର ପଞ୍ଚାୟତର କିଛି ହିତାଧିକାରୀ। ସରକାରଙ୍କ ଆବାସ ଯୋଜନା ନିୟମାନୁସାରେ ଯେଉଁ ହିତାଧିକାରୀ ପ୍ରଥମ କିସ୍ତି ଟଙ୍କା ପାଇବାର ୪ମାସ ମଧ୍ୟରେ ଘର କାର୍ଯ୍ୟ ସମ୍ପୂର୍ଣ୍ଣ କରିଦେବେ ସେମାନଙ୍କୁ ୨୦ ହଜାର ଓ ଯେଉଁମାନେ ପ୍ରଥମ କିସ୍ତି ଟଙ୍କା ପାଇବାର ୬ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବେ ସେମାନଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହି ଟଙ୍କା ପାଇବା ପାଇଁ ହିତାଧିକାରୀମାନେ ଧାର କରଜ କରି ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ସାରିଦେଉଥିବା ବେଳେ ସେମାନଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଉନାହିଁ। ଏପରି କି ୭ମାସ ପରେ ନିର୍ମାଣ କାର୍ଯ୍ୟ ସାରିଥିବା ଲୋକଙ୍କ ନାମ ପ୍ରୋତ୍ସାହନ ରାଶି ପାଇବା ତାଲିକାରେ ରହିଥିବା ଅଭିଯୋଗ ହେଉଛି।

ଉଦୟପୁର ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇଥିବା ଉଲ୍ଲାସ ସାହୁ, ଜୟପଲ୍ଲୀ ଗ୍ରାମର ସଉରୀ ମହାନ୍ତିଙ୍କ ସ୍ୱାମୀ ଭଗବାନ ମହାନ୍ତି, ଶିଖରଗୋଛାର ସନ୍ତୋଷ କୁମାର ସାହୁ କହିବା ମୁତାବକ ସେମାନେ କାର୍ଯ୍ୟାଦେଶ ପାଇବା ପରେ ସୁଧକୁ ଟଙ୍କା ଆଣି ତିନିମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି। ସେମାନଙ୍କ ପରେ ନିର୍ମାଣକାର୍ଯ୍ୟ ଶେଷ କରିଥିବା ହିତାଧିକାରୀଙ୍କ ନାମ ପ୍ରୋତ୍ସାହନ ରାଶି ତାଲିକାରେ ଦିଆଯାଇଥିବା ବେଳେ ଏମାନଙ୍କ ନାମ ବାଦ୍ ଦିଆଯାଇଛି। ହିତାଧିକାରୀ ଚୟନରେ ଅନିୟମିତତା ବିଷୟରେ ସରପଞ୍ଚ ଅସୀତ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଆମ ପଞ୍ଚାୟତର ୪୭ଟି ଆବାସ ଯୋଜନା ନିର୍ଦ୍ଧାରିତ ସମୟରେ ଶେଷ ହୋଇଛି। ସେହି ୪୭ ଜଣ ହିତାଧିକାରୀ ପ୍ରୋତ୍ସାହନ ରାଶି ପାଇବା ପାଇଁ ହକ୍‌ଦାର ଥିଲେ ମଧ୍ୟ ୨୮ ଜଣଙ୍କ ନାମ ତାଲିକାରେ ରହିଛି। ବାକିଥିବା ଲୋକଙ୍କ ନାମ ଅନୁମୋଦନ ପାଇଁ ଆମେ ବିଡିଓଙ୍କୁ ଅବଗତ କରିଛୁ। ତାଲିକାରୁ ବାଦ୍ ପଡିଥିବା ହିତାଧିକାରୀ ପ୍ରୋତ୍ସାହନ ରାଶି ପାଇବା ବିଷୟରେ ନୂଆଗାଁ ବିଡିଓ ଶିରିୟାଲ ଏସ୍ ପଟେଲ କହନ୍ତି, ଯେଉଁମାନେ ଠିକ୍ ସମୟରେ କାମ ସାରିଛନ୍ତି ସେମାନଙ୍କୁ ନିଶ୍ଚିତ ଏହି ଅର୍ଥରାଶି ପ୍ରଦାନ କରାଯିବ।

# ଶେଷହେଲା ଶିଶୁ ମହୋତ୍ସବ କୁସୁମୀ ଓ ପଲ୍ଲିଶ୍ରୀ ମେଳା

**ନୟାଗଡ଼ ଅଫିସ,୧୮।୧**

ନୟାଗଡ଼ ଜିଲା ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ଶିଶୁ ମହୋତ୍ସବ କୁସୁମୀ ଓ ପଲ୍ଲିଶ୍ରୀ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ପ୍ରଥମେ ଓଡ଼ିଶୀ ନୃତ୍ୟରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଓଡ଼ଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଅନୁଷ୍ଠାନରୁ ଆସିଥବା ୧୨ଟି ଦଳର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ଚଳଚ୍ଚିତ୍ର ଅଭିନେତା ସନ୍ତୋଷ ନାୟକ, ମାନସ ମିଶ୍ର, ଟେଲି ଅଭିନେତ୍ରୀ ନିଲୁଙ୍କର ଅଭିନୟ ଓ ସଂଳାପ ଉପସ୍ଥିତ ଦର୍ଶକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ମହୋତ୍ସବ କମିଟିର ସଭାପତି ବିକ୍ରମ କୁମାର ଦାଶଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନୀ ସଭାରେ ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ, ପଞ୍ଚରିଡ଼ା ବନାଞ୍ଚଳ ଅଧିକାରୀ ଧନେଶ୍ୱର ରଥ,ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ମହାରଣା, ବୈଜ୍ଞାନିକ ହେମନ୍ତ ରଥ, ପ୍ରଫୁଲ୍ଲ ପରିଡ଼ା, ପ୍ରତିଭାରାଣୀ ମହାନ୍ତି, ନର୍ମଦା ରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାକୁ ହେଲେ ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରିବା ସହିତ ସେମାନଙ୍କୁ ମହୋତ୍ସବ ମାଧ୍ୟମରେ ଲୋକ ଲୋଚନକୁ ଆଣିବାର ପ୍ରୟାସ ରହିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଶାନ୍ତ ଦାଶ ଓ ଶୈଳଜା ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ଚିତ୍ତରଞ୍ଜନ ବରାଡ଼, ଶିବପ୍ରସାଦ ପୁଷ୍ପପାଳକ, କୃଷ୍ଣଚନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଶିଶୁମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଜଙ୍ଗଲରୁ କାଠକାଟି ଫେରୁଥିବା ବେଳେ ୭ ଗିରଫ

**ନୂଆଗାଁ,୧୮।୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ମହୀପୁର ବନାଞ୍ଚଳ ଅଧୀନ ଗୁମୀ ସେକ୍ସନର ରଗଡିମଡା ସଂରକ୍ଷିତ ଜଙ୍ଗଲରୁ ଶୁକ୍ରବାର ୭ଜଣ କାଠକାଟି ଫେରୁଥିବା ବେଳେ ବନ କର୍ମଚାରୀଙ୍କ ଦ୍ୱାରା ଧରାପଡି ଗିରଫ ହୋଇଛନ୍ତି। ସେମାନେ ହେଲେ କଟକ ଜିଲା ବଡମ୍ବାର ଯୋଗୀନାଥ ମୁଦୁଲି, ନକୁଳ ବେହେରା, ଦାଶରଥିପୁର ଗ୍ରାମର ମନୋଜ ପାଣିଗ୍ରାହୀ, ମହତବନ୍ଧର ଆନନ୍ଦ ବେହେରା, ଦଶପଲ୍ଲା ତାଲେରାର କିଶୋର ବେହେରା, ଘୋଳାହାଣ୍ଡିର ଦୟାନିଧି ସେଠୀ ଓ ଗୁନୁବାରିର ତ୍ରିନାଥ ନାୟକ। ବନ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ନ ୩ଟା ସମୟରେ ଏକ ପାସେଞ୍ଜର ଅଟୋ (ନଂ.ଓଡି୨୫-୦୮୩୫)ରେ କିଛି ଲୋକ ଆସୁଥିବା ଗୁମୀ ଫରେଷ୍ଟର ପ୍ରଫୁଲ୍ଲ କୁମାର ନାୟକ ଦେଖିଥିଲେ। ସନ୍ଦେହ ହେବାରୁ ସେ ଅଟୋ ଅଟକାଇ ସେଥିରେ କାଠ କଟା କରତ, ଟାଙ୍ଗିଆ, କଟୁରି ଆଦି ଥିବା ଦେଖିଥିଲେ। ପଚରାଉଚରା କରିବାରୁ ସେମାନେ ଜଙ୍ଗଲରୁ କାଠ କାଟି ଫେରୁଥିବା କହିଥିଲେ। ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସାଙ୍ଗରେ ଧରି ଫରେଷ୍ଟର ଓ କିଛି ବନ କର୍ମଚାରୀ ଜଙ୍ଗଲ ମଧ୍ୟକୁ ଯିବାରୁ ୫ ଗୋଟି ଶାଳ ଲଗ୍ କଟାଯାଇ ପଡିଥିବା ଦେଖିବାକୁ ପାଇଥିଲେ। ଏହି କାଠ ସହ ସେମାନେ ବ୍ୟବହାର କରୁଥିବା ଅଟୋ ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କ ନାମରେ କେସ୍ ନଂ.୨୬/୧୮-୧୯ରେ ମାମଲା ରୁଜୁ କରାଯାଇ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ମହୀପୁର ରେଞ୍ଜର ଶୁଭ୍ରାଂଶୁ ଶେଖର ପଣ୍ଡା ସୂଚନା ଦେଇଛନ୍ତି।



ଗିରଫ ହୋଇଥିବା ୭ ଅଭିଯୁକ୍ତ।

# ବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ

**ବୋଲଗଡ,୧୮।୧(ଡି.ଏନ.ଏ.)**

ବୋଲଗଡ ବ୍ଲକ ପିଟୁକୁଳିସ୍ଥିତ ଶ୍ରୀରଘୁନାଥଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ଆଚାର୍ଯ୍ୟ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବୋଲଗଡ ବିଇଓ ବିଭୂତି ଭୂଷଣ ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ଏସବିଆଇ ଅଫିସର୍ସ ଆସୋସିଏଶନର ସାଧାରଣ ସମ୍ପାଦକ ସମ୍ବିତ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ କୃଷ୍ଣଚନ୍ଦ୍ର ବଳିୟାରସିଂହ, ପ୍ରମୋଦ ଚନ୍ଦ୍ର ଦାସ ଏବଂ ଏବିଓ ନାରାୟଣ ଛୁଆଳସିଂହ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ସମେତ ଶିକ୍ଷା କ୍ଷେତ୍ରରେ ମେଧାବୀ ମୋଟ ୧୫୨ଜଣ କୃତୀ ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଅନୁରୂପ ଭାବେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଚିତ୍ତରଞ୍ଜନ ରାୟଗୁରୁ ମାହାପାତ୍ରଙ୍କ ଲିଖିତ ଓ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ସରାବ ପିନା ମନା ହେଁ' ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ହୋଇଥିଲା।

# ଦଶପଲ୍ଲା କପ୍ ଫୁଟବଲ: ଖୋର୍ଦ୍ଧା ବିଜୟୀ

**ଦଶପଲ୍ଲା,୧୮।୧(ଡି.ଏନ.ଏ.)**

ଦଶପଲ୍ଲା ଗାନ୍ଧୀ ମଇଦାନ ଠାରେ ସ୍ୱୋଟିଭ୍ ସ୍ପୋର୍ଟସ୍ ସୋସାଇଟି ଆନୁକୂଲ୍ୟରେ ଚାଲିଥିବା ଦଶପଲ୍ଲା କପ ଫୁଟବଲ୍ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚ ଯୁଭେଣ୍ଟସ୍ କୋରାପୁଟ ଓ କେଏଫ୍‌ସି ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ୨-୧ ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ପରିଚାଳନା କରିଥିଲେ ରବୀନ୍ଦ୍ର ନାୟକ,ଶ୍ୟାମ ସୁନ୍ଦର ସାହା,ରାଜୁ ମହାନ୍ତି, କୈଳାସ ବରାଡ,ପ୍ରସନ୍ନ ନାୟକ। ଶନିବାର ମ୍ୟାଚ ଓଡିଶା ପୋଲିସ୍ ଓ କେ.ଏଫ୍.ସି ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ନୂଆଗାଁ,୧୮।୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ମହାବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଗତ ୫ ତାରିଖଠାରୁ ପ୍ରଶିକ୍ଷିକା ସନ୍ଧ୍ୟାରାଣୀ ନାୟକ ୯୦ ବାଳିକାଙ୍କୁ ତିନିଗୋଟି ଦଳରେ ବିଭକ୍ତ କରି ପ୍ରଶିକ୍ଷଣ ଦେଉଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ମହେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଅଧ୍ୟାପକମାନଙ୍କ ଉପସ୍ଥିତିରେ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ପରେ ଭାଗ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଜୟ କୁମାର ସାହୁ, ପ୍ରଦୀପ କୁମାର ଖଣ୍ଡୁଆଳ ଉପସ୍ଥିତ ଥିଲେ।



ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଦିଆଯାଉଛି।

# ୨ମାସ ହେଲା ବିଦ୍ୟୁତ୍ ଆଲୋକରୁ ବଞ୍ଚିତ ୮ ଗ୍ରାମ

**ବନ୍ଧମୁଣ୍ଡା ପଞ୍ଚାୟତ**

**ରଣପୁର,୧୮।୧ (ସ୍ୱ.ପ୍ର.)**

ରଣପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ ବନ୍ଧମୁଣ୍ଡା ପଞ୍ଚାୟତ। ୨୦୧୨ରେ ଏଠାକୁ ବିଦ୍ୟୁତ୍ ସଂଯୋଗ ଦେବା ପଇଁ ରାଜୀବ ଗାନ୍ଧୀ ବିଦ୍ୟୁତ୍ ଯୋଜନାରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ୨୦୧୭ରେ ପଞ୍ଚାୟତର କେତେକ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। ପ୍ରଥମ କରି ବିଦ୍ୟୁତ୍ ଆଲୋକ ପାଇ ସ୍ଥାନୀୟ ଗ୍ରାମବାସୀ ଖୁସି ପ୍ରକଟ କରିଥିଲେ। ହେଲେ କିଛିଦିନ ଠିକ୍ ଚାଲିଲା ପରେ ବିଦ୍ୟୁତ୍ ସଂଯୋଗ ବନ୍ଦ ହୋଇଯାଇଥିଲା। ଫଳରେ ୮ ଗ୍ରାମର ୫ଶହରୁ ଉର୍ଦ୍ଧ୍ୱ ପରିବାର ୨ମାସ ହେବ ଅନ୍ଧାରରେ ରହିଆସୁଛନ୍ତି। ବର୍ତ୍ତମାନ ଡିବିରି ଆଲୁଅ ସେମାନଙ୍କର ଭରସା ହୋଇଛି। ଏ ନେଇ ଗ୍ରାମବାସୀ ଚାନ୍ଦପୁର ସେସୁ ବିଦ୍ୟୁତ୍ ବିଭାଗରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ସୂଚନାଯୋଗ୍ୟ, ସଂରକ୍ଷିତ ଜଙ୍ଗଲ ମଧ୍ୟଦେଇ ବନ୍ଧମୁଣ୍ଡା ପଞ୍ଚାୟତକୁ ୧୧କେଭି ବିଦ୍ୟୁତ୍ ସଂଯୋଗ କରାଯାଇଛି। ଗତବର୍ଷ ତିତ୍‌ଲି ବାତ୍ୟାରେ ଜଙ୍ଗଲ ମଧ୍ୟରେ କିଛି ଗଛ ଭାଙ୍ଗି ବିଦ୍ୟୁତ୍ ଖୁଣ୍ଟ ଉପରେ ପଡିବାରୁ ପଞ୍ଚାୟତର ୮ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଛିନ୍ନ ହୋଇଥିଲା। ମୁଖ୍ୟ ରାସ୍ତାରେ ବିଦ୍ୟୁତ୍ ତାର ପଡି ରହିଥିଲାବେଳେ ଭାଙ୍ଗି ଯାଇଥିବା ୨ଟି ବିଦ୍ୟୁତ୍ ଖୁଣ୍ଟ ସ୍ଥାନରେ ନୂତନ ଖୁଣ୍ଟ ରଖାଯାଇଛି। ଗାତ ଖୋଳାଯାଇଥିଲେ ମଧ୍ୟ ୨ମାସ ହେଲା ଖୁଣ୍ଟ ପୋତାଯାଉ ନାହିଁ। ଫଳରେ ୮ ଗ୍ରାମ ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ହୋଇ ରହିଛି। ଏ ବିଷୟରେ ବନ୍ଧମୁଣ୍ଡା ସରପଞ୍ଚ ଅଜୟ କୁମାର ପ୍ରଧାନ କୁହନ୍ତି, ବାରମ୍ବାର ସ୍ଥାନୀୟ ସେସୁ କାର୍ଯ୍ୟାଳୟ ଓ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ଖୁଣ୍ଟ ପୋତାଯାଇ ବିଦ୍ୟୁତ୍ ସଂଯୋଗ କରାଯାଉ ନାହିଁ। ଏହାକୁ ବିରୋଧ କରି ଆଗାମୀ ଦିନରେ ଗ୍ରାମବାସୀ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ। ଚାନ୍ଦପୁର ସେସୁ ବିଭାଗ ଜେଇ ଗଣେଶ୍ୱର ସାହୁ କହନ୍ତି, ବନ୍ଧମୁଣ୍ଡା ପଞ୍ଚାୟତର କିଛି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇଛି। ତିତ୍‌ଲି ବାତ୍ୟାରେ ଭାଙ୍ଗିଯାଇଥିବା ଖୁଣ୍ଟ ଉଠାଯାଇ ସେଠାରେ ନୂତନ ଖୁଣ୍ଟ ରଖାଯାଇଛି। ଖୁବ୍‌ଶୀଘ୍ର ଏହାକୁ ପୋତାଯାଇ ବିଦ୍ୟୁତ୍ ସଂଯୋଗ ଦିଆଯିବ।



ରାସ୍ତାପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ଓ ତାର ପଡ଼ିରହିଛି।

